








# ଇତିହାସ ରଚିଲା ବିକାଶ; ଗାଁଠୁ ସହର, ନିରନ୍ତର ଲାଭ

ବଲାଙ୍ଗିର: ବଲାଙ୍ଗିର ଜିଲ୍ଲାରେ ବୁଧବାର ଆରମ୍ଭ ହୋଇଥିବା ଲୋୟର ସୁକ୍‌ତେଲ ପ୍ରକଳ୍ପ ବିକାଶ କାର୍ଯ୍ୟକ୍ରମର ଇତିହାସ ପୃଷ୍ଠାରେ ଯୋଡ଼ି ହୋଇଯାଇଛି। ଏହି ପ୍ରକଳ୍ପ ଆଗାମୀ ଦିନରେ ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରିବା ସହ ଆର୍ଥିକ ଅଭିବୃଦ୍ଧି ଘଟାଇବ। ସେନେଇ ନୂଆବର୍ଷରେ ସମଗ୍ର ଜିଲ୍ଲାରେ ଉତ୍ସାହ ପରିଲକ୍ଷିତ ହେଉଛି। ବିକାଶ ପାଇଁ ଯେ କୌଣସି ବାଧାବିଘ୍ନ ନାହିଁ, କୌଣସି ପ୍ରତିବନ୍ଧକ ରହିବ ନାହିଁ, ତାହା ଏ ରାଜ୍ୟ ସରକାର ଗତ ଦୁଇ ଦଶନ୍ଧୀର କାର୍ଯ୍ୟକାଳ ମଧ୍ୟରେ ପ୍ରମାଣିତ କରିସାରିଛନ୍ତି। ଲୋୟର ସୁକ୍‌ତେଲ ଚାଷୀଙ୍କ ସମୃଦ୍ଧି ବଢ଼ାଇବା ସହ ବଲାଙ୍ଗିର ସହର ସମେତ ବିଭିନ୍ନ ସ୍ଥାନରେ ରହିଥିବା ପିଇବା ପାଣି ସମସ୍ୟାକୁ ଦୂର କରିବ ବୋଲି ମଧ୍ୟ ଆଶା ସଞ୍ଚାର କରିଛି। ବାକି ଆଗାମୀ ଦିନରେ ପାଣି ସମସ୍ୟା ଦୂର କରିବା ଦିଗରେ ଏହି ପ୍ରକଳ୍ପ ଏକ ଆହ୍ୱାନ।

## ସେଦିନର ସ୍ୱପ୍ନ ଆଜିର ବାସ୍ତବ

୨୦୦୧ ନଭେମ୍ବର ୨୪। ସ୍ୱପ୍ନର ସୁକତେଲ ପ୍ରକଳ୍ପକୁ ସତ କରିବାକୁ ନିଅଁ ଦେଇଥିଲେ ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସାଙ୍ଗରେ ଥିଲେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ଅର୍ଜୁନ ଚରଣ ସାହୁ, ତତ୍କାଳୀନ ଇସ୍ପାତ, ଖଣି ଓ ଶକ୍ତି ବିଭାଗ ମନ୍ତ୍ରୀ ଅନଙ୍ଗଉଦୟ ସିଂଦେଓ, ଶିଳ୍ପମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ସାଂସଦ ସଙ୍ଗୀତା ସିଂଦେଓ। ବିରୋଧ ସତ୍ତ୍ୱେ ଖୁଣ୍ଟାପାଲି ଗ୍ରାମରେ ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୩ ବର୍ଷପରେ ଜାନୁଆରୀ ୩ ତାରିଖ ସେହି ପ୍ରକଳ୍ପକୁ ସେହି ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ତେବେ ସେ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଭିତ୍ତିପ୍ରସ୍ତର ସ୍ଥାପନର ଫଟୋ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି।




## ସୁକ୍‌ତେଲକୁ ସର୍ବଦଳୀୟ ସମର୍ଥନ

ଲୋୟର ସୁକତେଲ ପ୍ରକଳ୍ପ। ଏ ହେଉଛି ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର 'ସୁଖତେଲ'। ଯାହାକି ନୂଆବର୍ଷରେ ଆଶା ଓ ସମ୍ଭାବନା ସୃଷ୍ଟି କରିଛି। ଜଳସେଚନ ବ୍ୟବସ୍ଥାକୁ ଏହା ଆହୁରି ରୁଦ୍ଧିମନ୍ତ କରିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରକଳ୍ପକୁ ୫-ଟି ଉପକ୍ରମରେ ତ୍ୱରାନ୍ୱିତ କରାଯାଇଥିବା ବେଳେ ଏହାର ଉଦଘାଟନୀ ଉତ୍ସବରେ ସୁକତେଲକୁ ସର୍ବଦଳୀୟ ସମର୍ଥନ ମିଳିଛି। ଜିଲ୍ଲାର ସମସ୍ତ ବିଧାୟକ, ସାଂସଦ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ସୋନପୁର ବିଧାୟକ ପ୍ରମୁଖ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ: କଳିକେଶ

ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟ ହାଉସିଂ ବୋର୍ଡ଼ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ। ସେ ଏହି ଅବସରରେ ଜିଲ୍ଲାର ବିକାଶ ଦିଗରେ ଲୋୟର ସୁକତେଲ ପ୍ରକଳ୍ପ ଏକ ମାଇଲଖୁଣ୍ଟ ହେଉଥିବା ଦୃଷ୍ଟିରୁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଆରମ୍ଭରୁ ଏହାକୁ ନେଇ ଅନେକ ବିବାଦ ଦେଖାଦେଇଥିଲା। ରାଜ୍ୟ ସରକାରଙ୍କ ଉଦ୍ୟମରେ ଏହା ସଫଳ ହୋଇଛି। ଆଜି ତାହା ଉଦଘାଟନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇଛି। ଏଥିପାଇଁ ଉଭୟଙ୍କୁ ଧନ୍ୟବାଦ। କେବଳ ଏତିକି ନୁହଁ ପୌରାଞ୍ଚଳର ଉନ୍ନତି ପାଇଁ ମଧ୍ୟ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିଛନ୍ତି। ସହରର ପୋଖରୀ ଉନ୍ନତିକରଣ କାମ ହାତକୁ ନିଆଯିବା ସହ ମହିଳାଙ୍କୁ ଏହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକି ମହିଳା ମାନଙ୍କୁ ସରକାର କିଭଳି ଗୁରୁତ୍ୱ ପ୍ରଦାନ କରୁଛନ୍ତି ତାହା ସୂଚାଉଛି।

## ଧନ୍ୟବାଦ ବଦଳରେ ଶ୍ରେୟ ପାଇଁ ସଙ୍ଗୀତାଙ୍କ ଚାଲାକୀ

ଲୋୟରସୁକତେଲ ପ୍ରକଳ୍ପ ଉଦଘାଟନକୁ ସବୁଆଡେ ପ୍ରଶଂସା କରାଯାଉଛି। ତେବେ, ଉଦଘାଟନୀ କାର୍ଯ୍ୟକ୍ରମରେ ସାଂସଦ ସଙ୍ଗିତା କୁମାରୀ ସିଂହଦେଓ ଶ୍ରେୟ ନେବା ପାଇଁ ଭିନ୍ନ ଏକ ଚାଲାକି କରିଥିବା ଦେଖିବାକୁ ମିଳିଥିଲା। ପ୍ରକଳ୍ପ ପରିକଳ୍ପନା ସମୟରେ ସେ ସାଂସଦ ଥିବା ବେଳେ ଉଦଘାଟନରେ ମଧ୍ୟ ସାଂସଦ ଥିବା କହିଥିଲେ। ପ୍ରଥମେ ତାଙ୍କ ଦାବିକୁ ରଖି ବିଜେପି ସରକାର ଏହି ପ୍ରକଳ୍ପକୁ ମଞ୍ଜୁର କରିଥିବା କହିଥିଲେ। ତେବେ ଶେଷରେ ଏହା ଉଦଘାଟନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ ସତ କିନ୍ତୁ ଭାଷଣରେ ସେ ଶ୍ରେୟ ପାଇଁ ଅଣ୍ଟା ଭିଡ଼ିବା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା।

## ରାଜ୍ୟ ସରକାରଙ୍କ ମାଧ୍ୟମରେ ସମସ୍ୟାର ସମାଧାନ: ନରସିଂହ

ଲୋୟରସୁକତେଲ ପ୍ରକଳ୍ପର ଏହି ଉଦଘାଟନୀ କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଯୋଗ ଦେଇଥିଲେ। ପ୍ରକଳ୍ପ ଉଦଘାଟନ ହୋଇଥିବାରୁ ସେ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ ଆରମ୍ଭରୁ ପ୍ରକଳ୍ପକୁ ସମର୍ଥନ କରିଥିଲେ ଓ କରିଆସୁଛନ୍ତି ବୋଲି କହିଥିଲେ। ବିସ୍ଥାପିତଙ୍କ ଯୋଗୁ ଏହା ସଫଳ ହୋଇଥିବା ବେଳେ ସେମାନଙ୍କ ସମସ୍ତ ସମସ୍ୟା ଓ ଅଭିଯୋଗର ସମାଧାନ କରିବାକୁ ନିବେଦନ କରିଥିଲେ। ଏହି ପ୍ରକଳ୍ପ ପାଇଁ ପ୍ରଶାସନିକ ଅଧିକାରୀ, ଜିଲ୍ଲାପାଳଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ରାଜ୍ୟ ସରକାରଙ୍କ ବିନା ସହାୟତାରେ ଲୋକଙ୍କ ସମସ୍ୟା ସମାଧାନ କରିବା ଅସମ୍ଭବ ହୋଇଥିବା ବେଳେ ସରକାରଙ୍କ ମାଧ୍ୟମରେ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ।






## '୫-ଟି'ରେ ବଲାଙ୍ଗିରର ରୂପାନ୍ତରଣ: ସରୋଜ ମେହେର

ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ପାଟଣାଗଡ଼ ବିଧାୟକ ସରୋଜ ମେହେର। ବଲାଙ୍ଗିର ଜିଲ୍ଲା ବିକାଶର ଅସଲ ସାରଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନମସ୍କାର କରିବା ସହ ଜିଲ୍ଲା ବିକାଶ ପାଇଁ ଉଦଘାଟନ ଓ ଶିଳାନ୍ୟାସ କରିଥିବା ପ୍ରକଳ୍ପ ପାଇଁ ଧନ୍ୟବାଦ ଜଣାଇଥିଲେ। ୫-ଟି ଉପକ୍ରମରେ ରୂପାନ୍ତରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ଏହା ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ବ୍ୟବସ୍ଥା ସୁଦୃଢ ହୋଇଛି। ଯାହାର ଲାଭ ସିଧାସଳଖ ଲୋକେ ପାଉଛନ୍ତି। ଏହା ବିଶ୍ୱ ଦରବାରରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ନମ୍ବର କରିପାରିଛି ବୋଲି ଶ୍ରୀ ମେହେର କହିଥିଲେ।








## ଦାବି ରଖିଲେ ବିଜେପି ବିଧାୟକ

ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମଧ୍ୟ ଯୋଗଦେଇଥିଲେ। ବିଜେପି ଦଳର ହୋଇଥିଲେ ମଧ୍ୟ ସେ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିପାଇଁ ୨୯ ଖଣ୍ଡ ଗାଁର ପ୍ରଭାବିତଙ୍କ ତ୍ୟାଗକୁ ସେ ନମସ୍କାର କରିଥିଲେ। ଏହାସହ ସେ ଅନେକ ଦାବି ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ୩୫ ପ୍ରତିଶତ ଜଳସେଚନ ଘୋଷଣା ପୂରଣ କରିବା, ଦାଦନ ସମସ୍ୟା ସମାଧାନ କରିବା, କୋଶଳୀ/ସମ୍ବଲପୁରୀ ଭାଷାକୁ ରାଜ୍ୟ ଭାଷା ମାନ୍ୟତା ପ୍ରଦାନ କରିବା ଭଳି ଦାବି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିକୁ ସୁଯୋଗ ଭାବି ନିଜ ଦାବି ରଖିବା ସହ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ଯାହାକି କାର୍ଯ୍ୟକ୍ରମରେ ଚର୍ଚ୍ଚା ସୃଷ୍ଟି କରିଥିଲା।

## ପ୍ରକଳ୍ପ ଉଦ୍‌ଘାଟନରେ ଜନସମୁଦ୍ର

ବୁଧବାର ଲୋୟର ସୁକତେଲ ଉଦଘାଟନ ହୋଇଛି। ଏହି ଉଦଘାଟନ କାର୍ଯ୍ୟକ୍ରମରେ ଲୋକଙ୍କ ଅସମ୍ଭାଳ ଭିଡ଼ ରହିଥିଲା। ଜିଲ୍ଲାର ସମସ୍ତ ବ୍ଲକରୁ ହଜାର ହଜାର ସଂଖ୍ୟାରେ ଲୋକ ଆସି ସାମିଲ ହୋଇଥିଲେ। ଏପରିକି ସୋନପୁର ନିର୍ବାଚନମଣ୍ଡଳୀର ମଧ୍ୟ ପ୍ରାୟ ହଜାରେ ଲୋକ ଆସିଥିବା ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଝାରୀ କହିଥିଲେ। ଲୋକଙ୍କ ଭିଡ ଲୋୟରସୁକତେଲ ପ୍ରକଳ୍ପର ଗୁରୁତ୍ୱକୁ ସ୍ପଷ୍ଟ କରୁଥିବା ଉପସ୍ଥିତ ନେତାମାନେ କହିଥିଲେ। ତେବେ ଏହି ଜନସମୁଦ୍ର ସରକାରଙ୍କ ପ୍ରତି ରହିଥିବା ସମର୍ଥନ ବୋଲି ମଧ୍ୟ ବିଜେଡି ଜନପ୍ରତିନିଧିମାନେ କହିଥିଲେ।

## ସ୍ଲୁଇସ୍ ଗେଟରୁ ଖଳ ଖଳ ପାଣି

ଲୋୟର ସୁକତେଲ ପ୍ରକଳ୍ପ ଉଦଘାଟନୀ କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ପ୍ରଶ୍ନବାଣକୁ ସଫଳ ମୁକାବିଲା କରିଥିଲେ ରାଜ୍ୟ ସରକାରଙ୍କ ଦୁଇ ମନ୍ତ୍ରୀ ନିରଞ୍ଜନ ପୂଝାରୀ ଓ ଟୁକୁନି ସାହୁ। ଯାହାକି ସଭାସ୍ଥଳରେ ଚର୍ଚ୍ଚା ସୃଷ୍ଟି କରିଥିଲା। ଉଦଘାଟିତ ହୋଇଥିବା ପ୍ରକଳ୍ପରେ ପାଣି ନଥିବା, ଅସମ୍ପୂର୍ଣ୍ଣ ହୋଇଥିବା ଆଦି ଅଭିଯୋଗ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ପୂଝାରୀ ଡ୍ୟାମ ଉପରକୁ ଯାଇଥିଲେ ଏବଂ ସ୍ଲୁଇସ୍ ଗେଟରୁ ଖଳ ଖଳ କରି ପାଣି ବାହାରୁଥିବା କହିଥିଲେ। ଅନ୍ୟପକ୍ଷରେ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ ଯେ ବିକାଶକୁ କିଛି ବିରୋଧୀ ବିରୋଧ କରୁଛନ୍ତି କାହିଁକି ? ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ଅଧ୍ୟକ୍ଷ ସୁକତେଲ ପାଣିକୁ ମୁଣ୍ଡରେ ମାରି ସମ୍ପୂର୍ଣ୍ଣ କରିବାକୁ ଶପଥ ନେଇଥିଲେ। ଯାହାଫଳରେ କାମ ଶେଷ ହେବା ସହ ଉଦଘାଟନ ହୋଇପାରିଛି ବୋଲି ମନ୍ତ୍ରୀ କହିଥିଲେ। ସେ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ପ୍ରଶଂସା କରିଥିଲେ। ତେବେ କଂଗ୍ରେସ ବିଧାୟକଙ୍କୁ ଦୁଇ ମନ୍ତ୍ରୀଙ୍କ କାଉଣ୍ଟର ଆଟେକ ସଭାସ୍ଥଳରେ ଚର୍ଚ୍ଚା ସୃଷ୍ଟି କରିଥିଲା।

## ୫-ଟି ସ୍କୁଲରେ ଲୋୟର ସୁକ୍‌ତେଲ ଲାଇଭ୍

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପକୁ ଉଦଘାଟନକୁ ଉତ୍ସବ ଭାବରେ ପାଳନ କରିଛି ବଲାଙ୍ଗିର ଜିଲ୍ଲା। ସମଗ୍ର ବଲାଙ୍ଗିରବାସୀ ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି। ସେହିଭଳି ଛାତ୍ରଛାତ୍ରୀମାନେ ମଧ୍ୟ ସ୍କୁଲରେ ଥାଇ ଲୋୟର ସୁକତେଲ ପ୍ରକଳ୍ପ ଉଦଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୫-ଟି ସ୍କୁଲଗୁଡ଼ିକରେ ଏହାର ସିଧାପ୍ରସାରଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଇଚ୍ ଅନ୍ କରି ପ୍ରକଳ୍ପକୁ ଉଦଘାଟନ କରିବା ସମୟରେ ଛାତ୍ରଛାତ୍ରୀମାନେ ତାଲି ମାରି ଖୁସି ମନାଇଥିଲେ। ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ମଧ୍ୟ ପ୍ରକଳ୍ପର ଲୋକାର୍ପଣ ଦେଖି ଖୁସି ପ୍ରକାଶ କରିଥିଲେ।



# ଜେଏମ୍ଏଫ୍‌ସିଙ୍କୁ ଭେଟିଲେ ଓକିଲ ସଂଘ କର୍ମକର୍ତ୍ତା



**ହେମଗିରି, ୩।୧(ସମିସ):** ବୁଧବାର ହେମଗିରି ଜେଏମ୍ଏଫ୍‌ସି କୋର୍ଟ ବିଚାରପତି ଅଙ୍ଗସ୍ୱରୂପା ଚାର୍ଟାର୍ଜୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବାକୁ ଭେଟିଥିଲେ ହେମଗିରି ଓକିଲ ସଂଘ ସଦସ୍ୟ ବୃନ୍ଦ।

ସଂଘ ସଭାପତି କାଶୀନାଥ ରାଉତ, ସମ୍ପାଦକ ସୁକାନ୍ତ ମିଶ୍ର, ବରିଷ୍ଠ ଆଇନଜୀବୀ ପ୍ରକାଶ ପତି, ପଦ୍ମଲୋଚନ ମିଶ୍ର, କୁଳଦୀପ ଶତପଥୀ, ରମେଶ ଜୟପୁରିଆ, ବାବୁଲୁ ପଧାନ, ଦୀନେଶ ପଧାନ ପ୍ରମୁଖ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଦେଇ ବିଚାରପତି ଚାଟାର୍ଜୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଜିଲ୍ଲା ମହୋତ୍ସବ 'ଯତ୍‌ରା'ର ତୃତୀୟ ସନ୍ଧ୍ୟା

# ଧମାଲ୍ କଲା କୋରାପୁଟର ଢେମ୍‌ସା

ସୁନ୍ଦରଗଡ଼, ୩।୧(ସମିସ)

୧୩ତମ ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯତ୍‌ରାର ତୃତୀୟ ସନ୍ଧ୍ୟା ମଧ୍ୟ ବିପୁଳ ହର୍ଷୋଲ୍ଲାସରେ ଶେଷ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ସୁଶୀଳା ଟପ୍ପୋ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବିଶେଷଜ୍ଞ କମିଟି ସଭ୍ୟ ବୈକୁଣ୍ଠ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଗତ ମାଟ୍ରିକ ପରୀକ୍ଷାର ଜିଲ୍ଲା ଟପ୍ପର ବିଦୁସ୍ମିତା ପତି, +୨ କଳାର ଜିଲ୍ଲା ଟପ୍ପର ମଞ୍ଜୁଲତା ରଣା, ବିଜ୍ଞାନର ଜିଲ୍ଲା ଟପ୍ପର ରିଙ୍କୁ ନାୟକ ଏବଂ ବାଣିଜ୍ୟର ଜିଲ୍ଲା ଟପ୍ପର କାଞ୍ଚନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜସ୍ଥାନର କାଲବେଲିୟା, କୋରାପୁଟର ଢେମସା, ପୁରୀର ଫେଟ ଫାଇଟର ଦଳର ମାଲଖମ୍ବ, ଆସାମର ବିହୁ ନୃତ୍ୟ, ପଞ୍ଜାବର ଭାଙ୍ଗଡ଼ା ନୃତ୍ୟ, କଳାହାଣ୍ଡିର ବଜାସାଲ ନୃତ୍ୟ ଏବଂ ଖୋର୍ଦ୍ଧା କଳିଙ୍ଗ ପାଇକ କ୍ରିଏସନ୍‌ର ପାଇକ ଆଖଡ଼ା ପରିବେଷଣ କରାଯାଇଥିଲା। ଏହି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ଏପରିକି କଳାକାରଙ୍କ ନୃତ୍ୟଗୀତର ତାଳେ ତାଳେ ଦର୍ଶକମାନେ ମଧ୍ୟ ନାଚିଉଠିଥିଲେ। ଜନସାଧାରଣ ପଲ୍ଲୀଶ୍ରୀ ମେଳାରେ ବିଭିନ୍ନ ସାମଗ୍ରୀ କିଣିବା ସହ ଫୁଡ୍ କୋର୍ଟରେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନର ମଜା ନେଇଥିଲେ।







## ସହାୟତାର ହାତ ବଢ଼ାଇଲେ ସଞ୍ଜୟ

# ମୂକବଧିର ଓ ଦୃଷ୍ଟିହୀନ ଛାତ୍ରଛାତ୍ରୀ ଷ୍ଟଡି ଟୁର୍‌ରେ ଗଲେ

ସୁନ୍ଦରଗଡ଼, ୩।୧(ସମିସ)



ସୁନ୍ଦରଗଡ଼ର ବିଶିଷ୍ଟ ବ୍ୟବସାୟୀ ସଞ୍ଜୟ ନନ୍ଦଙ୍କ ସହାୟତାରେ ୪୩ ଜଣ ମୂକବଧିର ଓ ଦୃଷ୍ଟିହୀନ ଛାତ୍ରଛାତ୍ରୀ ବୁଧବାର ଶୈକ୍ଷିକ ପରିଭ୍ରମଣ (ଷ୍ଟଡି ଟୁର୍)ରେ ବାହାରିଛନ୍ତି। ଟାଙ୍ଗରପାଲି ବ୍ଲକ ବନ୍ଧପାଲିଠାରେ ଅନ୍ଧ-ମୂକ-ବଧିର ବିଦ୍ୟାଳୟ 'ସାର୍ଥକ' ରହିଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ମୂକ-ବଧିର ବିଭାଗରେ ୧୨୬ ଓ ଦୃଷ୍ଟିହୀନ ବିଭାଗରେ ୪୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଭିନ୍ନକ୍ଷମ ହେଲେ ବି ବଡ଼ ମଣିଷ ହେବାର ଅସୁମାରୀ ସ୍ୱପ୍ନ ତାଙ୍କ ନିକଟରେ ରହିଛି। ମାତ୍ର ଅର୍ଥାଭାବ ଯୋଗୁଁ ତାଙ୍କ ଶିକ୍ଷଣ ବ୍ୟବସ୍ଥାରେ ଅନେକ ପ୍ରତିବନ୍ଧକ ଆସୁଛି। ସୀମିତ ସମ୍ବଳ ଭିତରେ ଅନେକ ସମୟରେ ଜ୍ଞାନ ଆହରଣ ପାଇଁ ଶୈକ୍ଷିକ ପରିଭ୍ରମଣ ସମ୍ଭବ ହେଉନାହିଁ। ମନରେ ପରିଭ୍ରମଣ ଆଶା ଉଙ୍କି ମାରୁଥିଲେ ମଧ୍ୟ ସେମାନେ ନିଜ ଇଚ୍ଛାକୁ ସଙ୍କୁଚିତ କରି ରଖିଥିଲେ। ବ୍ୟବସାୟୀ ତଥା ମାତାରାନୀ ଟ୍ରାନ୍ସପୋର୍ଟ ଓ ମାତାରାନୀ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ତଥା ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍ ଅଧ୍ୟକ୍ଷ ସଞ୍ଜୟ ଏହାର ବ୍ୟତିକ୍ରମ ଘଟାଇଛନ୍ତି। ଗତ ଅକ୍ଟୋବରରେ ସୁନାରୀପଡ଼ା ଗଣେଶ ପୂଜା କମିଟିର ୫ ଲକ୍ଷ ଟଙ୍କାର ଲଟ୍ରି କୁପନ୍ କିଣି ସହରର ଶିକ୍ଷାର୍ଥୀମାନଙ୍କୁ ବାଣ୍ଟିବା ଅବସରରେ ସଞ୍ଜୟ ଏହି ବିଦ୍ୟାଳୟରେ ପହଞ୍ଚିଥିଲେ। ଛାତ୍ରଛାତ୍ରୀଙ୍କ ସହି ମିଶି ଆଲୋଚନା କରିବା ସମୟରେ ତାଙ୍କ ଶୈକ୍ଷିକ ପରିଭ୍ରମଣର ମନକଥା ବୁଝିପାରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ତଥା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମତାମତ ନେବା ପରେ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍ ସଦସ୍ୟମାନଙ୍କ ସହ ପରାମର୍ଶ କରି ଶିକ୍ଷାର୍ଥୀମାନଙ୍କ ଚାରିଦିନିଆ ପରିଭ୍ରମଣ ପାଇଁ ସାହାଯ୍ୟର ହାତ ବଢ଼ାଇଛନ୍ତି। ଏହି ପରିଭ୍ରମଣର ପରିବହନ ଖର୍ଚ୍ଚ ସମ୍ପୂର୍ଣ ଭାବରେ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍ ବହନ କରୁଛି। ଏହା ଚୂଡ଼ାନ୍ତ ହେବା ପରେ ବୁଧବାର ସକାଳେ ୪୩ ଛାତ୍ରଛାତ୍ରୀ ସ୍ୱତନ୍ତ୍ର ବସ୍ ଯୋଗେ ପରିଭ୍ରମଣରେ ବାହାରିଛନ୍ତି। ସ୍ଥାନୀୟ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ହସ୍ପିଟାଲ ଛକରେ ସଞ୍ଜୟ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ସେମାନେ ପ୍ରଧାନପାଟ, ଘଟଗାଁ ତାରିଣୀ, ପାରାଦୀପ ବନ୍ଦର, ଭୁବନେଶ୍ୱର ପ୍ଲାନେଟାରିୟମ, କୋଣାର୍କ, ପୁରୀ, ଧଉଳି, ଚିଲିକା, ଖଣ୍ଡଗିରି, ଉଦୟଗିରି ଆଦି ପରିଭ୍ରମଣ କରିବା ପରେ ଆସନ୍ତା ୭ ତାରିଖ ପ୍ରତ୍ୟାବର୍ତ୍ତନ କରିବେ।

ସୂଚନାଯୋଗ୍ୟ, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍ ଗଠନ ହେବାଠାରୁ ସୁନ୍ଦରଗଡ଼ର ବିଭିନ୍ନ ସାମାଜିକ, ସାଂସ୍କୃତିକ, ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଅନେକ ଅବଦାନ ଦେଇ ଆସୁଛି। ଏହି ସମସ୍ତ କାର୍ଯ୍ୟକ୍ରମ ପାଇଁ ଜନମାନସରେ ସଞ୍ଜୟ ତଥା ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍ ପ୍ରତି ଏକ ସ୍ୱତନ୍ତ୍ର ଭାବନା ସୃଷ୍ଟି ହୋଇଛି। ଆଜିର ଏହି ବଦାନ୍ୟତା ପାଇଁ ସୁନ୍ଦରଗଡ଼ବାସୀ ତଥା ବୁଦ୍ଧିଜୀବୀ ସଞ୍ଜୟ ଓ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ୍‌କୁ ସାଧୁବାଦ ଜଣାଇଛନ୍ତି। ଯାତ୍ରା ଆରମ୍ଭ ସମୟରେ ଶିକ୍ଷାର୍ଥୀଗଣ ସାଙ୍କେତିକ ଭାଷାରେ ସଞ୍ଜୟ ଓ ସଂଘର କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର କୋଷାଧ୍ୟକ୍ଷ ଅବଦୁଲ ସାଜିଦ, ସଦସ୍ୟ ମାନସ ଚାନ୍ଦ, ବିଶ୍ୱରଞ୍ଜନ ଦାସ, ନରେଶ ଆଚାର୍ଯ୍ୟ, ଜୋହେବ ଖାନ୍, ଗୁରୁ ନାଏକ, ଜୟନ୍ତ ଧଳ, ସୁରେଶ ରତ୍ୱାନି, ହେମନ୍ତ ଧର, ଶୁଭେଚ୍ଛୁ ବିଶ୍ୱରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଶିକୁଳି ଚିହ୍ନଟ ପରୀକ୍ଷା ଶିବିର

**ସୁନ୍ଦରଗଡ଼, ୩।୧(ସମିସ):** ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଜାତୀୟ ସିକଲସେଲ ଆନେ୍ମସିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ରକ୍ତଶିକୁଳି ଚିହ୍ନଟ ପରୀକ୍ଷା ଶିବିର ଉଦଘାଟିତ ହୋଇଛି। ତିନିଦିନ ଧରି ହେବାକୁ ଥିବା ଏହି ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଉଦଘାଟନ କରି ରକ୍ତଶିକୁଳିର ଭୟାବହତା ଏବଂ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କାହ୍ନୁଚରଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ନିରାକରଣ ପାଇଁ ସତର୍କତା ବିଷୟରେ ବୁଝାଇଥିଲେ। ଜିଲ୍ଲା କାର୍ଯକ୍ରମ ପରିଚାଳକ ଶଙ୍କର ଆଚାର୍ଯ୍ୟ, ଅଣ ସଂକ୍ରାମକ ରୋଗ ବିଭାଗ ଅଧିକାରୀ ସ୍ୱପ୍ନଜିତ୍ ମହାନ୍ତି, କାର୍ଯ୍ୟକ୍ରମ ସହାୟକ ଅମ୍ରିତା ପଟେଲ ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ସତ୍ୟଶୋଭନ ସୋରେନ ଏହାକୁ ସଂଯୋଜନା କରିଥିଲେ। ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରାଯିବା ବ୍ୟବସ୍ଥା ରହିଛି।

# ବିକଶିତ ଭାରତ ସଂକଳ୍ପ ଯାତ୍ରା



**ବାଲିଶଙ୍କରା, ୩।୧(ସମିସ):** ବାଲିଶଙ୍କରା ବ୍ଲକ ତିଲେଇକାନୀ ଓ ବେହେରାଡିହି ପଞ୍ଚାୟତରେ ଭାରତ ସରକାରଙ୍କ ବିକଶିତ ଭାରତ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ରଥକୁ ଅଞ୍ଚଳରେ ଆଦିବାସୀ ନୃତ୍ୟ ଓ କୀର୍ତ୍ତନମଣ୍ଡଳୀର ତାଳେ ତାଳେ ପଞ୍ଚାୟତକୁ ପାଛୋଟି ନିଆଯାଇଥିଲା। ତିଲେଇକାନୀ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ମୀନକେତନ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ସମ୍ମାନିତ ଅତିଥି ରୂପେ ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ, ଏବିଡିଓ ଚନ୍ଦନ ନିଖଣ୍ଡିଆ, ସରପଞ୍ଚ ମାକ୍ସିମସ ବାର୍ଲା, ଜପିଇଓ ପାସ୍କାଲ ଲାକଡ଼ା, ସାଂସଦ ପ୍ରତିନିଧି ଉଚ୍ଛବ ତନ୍ତୀ, ବିଧାୟକ ପ୍ରତିନିଧି ପର୍ଶୁରାମ ପଟେଲ, ଗ୍ରାମ ରୋଜଗାର ସେବକ ପୁରୁଷୋତ୍ତମ ପଟେଲ ପ୍ରମୁଖ ଯୋଗଦେଇଥିଲେ। ମାକ୍ସିମସ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ବେହେରାଡିହି ପଞ୍ଚାୟତରେ ମୁଖ୍ୟଅତିଥି ରୂପେ ସାଂସଦ ଓରାମ, ସମ୍ମାନିତ ଅତିଥି ରୂପେ ବିଧାୟକ ଭୋଇ, ଏବିଡିଓ ନିଖଣ୍ଡିଆ, ଆବ୍ରହାମ ଲାକ୍ରା, ସରୋଜ ଦାନୀ, ସରପଞ୍ଚ ବାର୍ଲା, ଜପିଇଓ ଲାକଡ଼ା, ସାଂସଦ ପ୍ରତିନିଧି ତନ୍ତୀ, ବିଧାୟକ ପ୍ରତିନିଧି ପଟେଲ, ତିଲେଇକାନୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ମୀନକେତନ ପଟେଲ, ଗ୍ରାମ୍ୟ ରୋଜଗାର ସେବକ ପୁରୁଷୋତ୍ତମ ପଟେଲ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।






# ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବି: ଦିଲୀପ ରାୟ

**ରାଉରକେଲା, ୩।୧(ସମିସ):** ରାଉରକେଲା ସହରର ସର୍ବାଙ୍ଗୀନ ବିକାଶ ପାଇଁ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବି ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ। ରାଉରକେଲା ଗସ୍ତ ଅବସରରେ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ରାଉରକେଲା ସହରର ବିକାଶ ପାଇଁ ସେ ମୂଳରୁ ଲାଗିଛନ୍ତି। ରାଉରକେଲାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ଦାବି କରି ସେ ବିଜେପି ପରିତ୍ୟାଗ କରିଥିବା ସୂଚନା ଦେଇ



କହିଲେ, ରାଉରକେଲା ଏୟାରପୋର୍ଟରେ ଅଏଲ ଫିଲିଂ ଷ୍ଟେସନ ପ୍ରତିଷ୍ଠାଠାରୁ ଆରମ୍ଭ କରି ପାସପୋର୍ଟ ଅଫିସ ନିର୍ମାଣ ଆଦି ସମ୍ଭବ ହୋଇଛି। ରାଉରକେଲାର ବିକାଶ ପାଇଁ କୌଣସି ଦଳ ବା ବ୍ୟକ୍ତିଙ୍କୁ ଦୋଷାରୋପ ନ କରି କେବଳ ରାଉରକେଲାର ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ସେ କହିଥିଲେ। ରାଉରକେଲା ସହରରେ କେବଳ ରିଙ୍ଗରୋଡରେ ରଙ୍ଗ ମାରିଦେଲେ ଏହାକୁ ବିକାଶ କୁହାଯିବ ନାହିଁ। ରାଉରକେଲା ସହରର ବିକାଶ କାର୍ଯ୍ୟ ଆହୁରି ବାକି ରହିଛି। ୨୦୧୨ରୁ ରାଉରକେଲା ମହାନଗର ନିଗମ ନିର୍ବାଚନ ହୋଇନାହିଁ। ଫଳରେ ସହରର ବିକାଶ କାର୍ଯ୍ୟ ଆଗେଇ ପାରୁନାହିଁ। ତେବେ ଆସନ୍ତା ବିଧାନସଭା ନିର୍ବାଚନରେ ନିର୍ବାଚନ ମଇଦାନକୁ ଓହ୍ଲାଇବେ କି ନାହିଁ ପଚାରିବାରୁ ସେ ଏ ନେଇ କୌଣସି ସିଧାସଳଖ ଉତ୍ତର ନ ଦେଇ 'ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବି' ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ନେତା ସମାଜସେବୀ ହରିହର ରାଉତରାୟ, ବିମଳ କୁମାର ବିଶି ଉପସ୍ଥିତ ଥିଲେ।

### ନୂଆଗାଁରେ ପିଏଲ୍ଏଫ୍ଆଇ ପୋଷ୍ଟର

# ନିର୍ମାଣାଧୀନ ଚେକ୍ ଡ୍ୟାମ୍ କାର୍ଯ୍ୟ ବନ୍ଦକଲେ

**ରାଉରକେଲା, ୩।୧(ସମିସ)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ନୂଆଗାଁ ବ୍ଲକରେ ପୁଣି ଦେଖାଦେଇଛି ପିଏଲଏଫ୍ଆଇ ଆତଙ୍କ। ଗତ ଡିସେମ୍ବର ୩୧ ତାରିଖ ରାତିରେ ସମଗ୍ର ନୂଆଗାଁବାସୀ ପୁରୁଣା ବର୍ଷ ୨୦୨୩କୁ ବିଦାୟ ଦେଇ

### ● ଯୋଗାଯୋଗ ନ କରି କାମ କଲେ ମୃତ୍ୟୁଦଣ୍ଡ



ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ନୃତ୍ୟଗୀତ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମସଗୁଲ ଥିବା ବେଳେ ବ୍ଲକର ଗୋପୁର ଗାଁରେ ୧୨ ଜଣ ସଶସ୍ତ୍ର ପିଏଲଏଫ୍ଆଇ ସଦସ୍ୟ ଆତଙ୍କରାଜ ସୃଷ୍ଟି କରିଥିବା ଖବର ମିଳିଛି। ସେମାନେ ଗୋପୁର ଗାଁ ନିକଟ ଦେଓନଦୀରେ ନିର୍ମାଣାଧୀନ ଚେକ୍ ଡ୍ୟାମର ଠିକାଦାର କ୍ୟାମ୍ପକୁ ଯାଇ ଠିକାଦାରଙ୍କୁ ଖୋଜିଥିଲେ। ତେବେ ପିଏଲଏଫ୍ଆଇ ଆସିଯିବା ଦେଖି ଠିକାଦାର ପଛପଟ ଦ୍ୱାର ଦେଇ ସେଠାରୁ ଖସି ପଳାଇ ଯାଇଥିଲେ। ସେ ତାଙ୍କ ଘର ଛତିଶଗଡ଼ ଚାଲିଯାଇଥିବା ସୂଚନା ମିଳିଛି। ତେବେ ପିଏଲଏଫ୍ଆଇ ସଦସ୍ୟମାନେ କ୍ୟାମ୍ପରେ ଠିକାଦାରଙ୍କୁ ନ ପାଇ କ୍ୟାମ୍ପରେ ଥିବା ସମସ୍ତ କର୍ମଚାରୀ, ଜେସିବି, ଟ୍ରକ ଚାଳକଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଏକ ଧାଡ଼ିରେ ଠିଆ କରାଇ ଧମକଚମକ ଦେଇ ଚେକ୍ ଡ୍ୟାମ କାର୍ଯ୍ୟ ବନ୍ଦ କରିଦେଇଥିଲେ। ପରେ ସେମାନେ ସେଠାରେ ଏକ ପୋଷ୍ଟର ମାରିଥିଲେ। ଯେପର୍ଯ୍ୟନ୍ତ ତାଙ୍କ ଠିକାଦାର ପିଏଲଏଫ୍ଆଇ ସଂଗଠନକୁ ଦେଖା ନ କରିଛନ୍ତି ପରିଣାମ ଭୟଙ୍କର ହେବ। ସେମାନଙ୍କୁ ଯୋଗାଯୋଗ ନ କରି ଚେକ୍ ଡ୍ୟାମ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ କରି ସେମାନେ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ, ଗତ ନଭେମ୍ବର ୩୦ ତାରିଖ ଉକ୍ତ ସ୍ଥାନରେ ଏକ ସଶସ୍ତ୍ର ଡକାୟତି ଘଟଣାର ପୁଲିସ ଏପର୍ଯ୍ୟନ୍ତ ଟେର୍ ପାଇ ନ ଥିବା ବେଳେ ଏବେ ପୁଣି ପିଏଲଏଫ୍ଆଇ ଆତଙ୍କ ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି।

### ● ଜାତୀୟ ବିଦ୍ୟାଳୟ ସମୂହ ହକି ପ୍ରତିଯୋଗିତା

# ଚାମ୍ପିଅନ ଦଳକୁ ରାଉରକେଲାରେ ସମ୍ବର୍ଦ୍ଧନା

**ରାଉରକେଲା, ୩।୧(ସମିସ):** ମଧ୍ୟପ୍ରଦେଶର ଗୋଆଲିଅର୍‌ଠାରେ ଅନୁଷ୍ଠିତ ଜାତୀୟ ବିଦ୍ୟାଳୟ ସମୂହ ହକି ପ୍ରତିଯୋଗିତାରେ ଓଡ଼ିଶାର ୧୪ ବର୍ଷରୁ କମ୍ ବାଳକ ଟିମ୍ ଚାମ୍ପିଅନ ହୋଇ ଫେରିବା ପରେ ବୁଧବାର ରାଉରକେଲା ରେଳ ଷ୍ଟେସନରେ ଖେଳାଳି ଓ ଟିମ୍ ସଦସ୍ୟମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନଙ୍କ ନିର୍ଦ୍ଦେଶ କ୍ରମେ ବିଇଓ ସଦାନନ୍ଦ ପାଧନ ପ୍ରତିଯୋଗୀମାନଙ୍କ ସହିତ ମ୍ୟାନେଜର ଓ ପ୍ରଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କମିଶନର ତଥା ସଚିବ ଆଓ୍ୱସ୍ଥି ଏସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ସହ ନିର୍ଦ୍ଦେଶକ କୈଳାସ ପ୍ରଧାନ ଓ ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତି ପ୍ରସାଦ ପରିଡ଼ା ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି ପ୍ରତିଯୋଗୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୂଚନାଯୋଗ୍ୟ, ୧୪ ବର୍ଷରୁ କମ୍ ଓଡ଼ିଶା ବାଳକ ଦଳ ଗୋଆଲିଅରଠାରେ ଅନୁଷ୍ଠିତ ୬୭ତମ ଜାତୀୟ ବିଦ୍ୟାଳୟ ହକି ପ୍ରତିଯୋଗିତାରେ ଝାଡ଼ଖଣ୍ଡ ଦଳକୁ ହରାଇ ଚାମ୍ପିଅନ ହୋଇଛି। ଓଡ଼ିଶା ଦଳ ପାଇଁ ପିଇଟି ଅଜୟ କୁମାର ରାଉତ ସାଧାରଣ ସମ୍ପାଦକ ତଥା କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲା ବେଳେ ମ୍ୟାନେଜର ନିରଞ୍ଜନ ମଲ୍ଲିକ ଓ ବଂଶୀଧର ମାହାନ୍ତ ପରିଚାଳନାରେ ସହାୟତା କରିଥିଲେ।



# ବିଶ୍ୱନାଥ ପଣ୍ଡିତଙ୍କ ୧୦୫ତମ ଜୟନ୍ତୀ ପାଳିତ



**ରାଉରକେଲା, ୩।୧(ସମିସ):** ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱନାଥ ପଣ୍ଡିତଙ୍କ ୧୦୫ତମ ଜୟନ୍ତୀ ପାଳିତ ହୋଇଛି। ସଂଘ ଉପଦେଷ୍ଟା ଦେବେନ୍ଦ୍ର ନାଥ ଆଚାର୍ଯ୍ୟ ପଣ୍ଡିତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ରାଜ୍ୟ ଉପ ସଭାପତି ବାବୁଲା କୁମାର ଦାଶ ପଣ୍ଡିତଙ୍କ କର୍ମମୟୀ ଜୀବନ ଉପରେ ମନ୍ତବ୍ୟ ଦେଇଥିଲେ। ବୈଠକରେ ଦିଲୀପ ଶୁକ୍ଲା, ଦୀନେଶ ମାହାନ୍ତା, ସୁଶାନ୍ତ ମାହାଲ, ଶେଖର ବିଷୋୟୀ, ଅମ୍ବିକା ଜୟପୁରିଆ, ସୁନ୍ଦରଗଡ଼ ଜିଲ୍ଲା ଆଶା ସାମୁଖ୍ୟ ସାଧାରଣ ସମ୍ପାଦକ ଝରଣା ମହାରଣା, କାର୍ଯ୍ୟକାରୀ ସଭାପତି ସାଲିନୀ ମିଞ୍ଜ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାବତ, କୋଷାଧ୍ୟକ୍ଷ ସନ୍ଧ୍ୟା ସା ଉପସ୍ଥିତ ଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# କୋଇଡ଼ା ବସ୍‌ଷ୍ଟାଣ୍ଡରୁ ମୃତଦେହ ଉଦ୍ଧାର

**କୋଇଡ଼ା, ୩।୧(ସମିସ):** ବୁଧବାର ଅପରାହ୍ନ ୪ଟାରେ କୋଇଡ଼ା ବସଷ୍ଟାଣ୍ଡରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି।

ବ୍ୟକ୍ତି ଜଣକ ଦୀର୍ଘ ସମୟ ଧରି ବାରଣ୍ଡାରେ ପଡ଼ି ରହିଥିବାର ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଘର ଝାଡ଼ଖଣ୍ଡ ଓ ସେ କୋଇଡ଼ାରେ ରହି ରାଜମିସ୍ତ୍ରି ଭାବେ କାମ କରୁଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ଜଣାପଡ଼ିବ ଓ ମୃତକଙ୍କ ପରିଚୟ ଖୋଜି ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।


















ସକାଳ THE SAKALA



# ମୁରିବାହାଲ ବ୍ଳକସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବ

ମୁରିବାହାଲ, ୩।୧(ସମିସ)

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ତଥା ମଥୁରା ନଗରୀରେ ଚାଲିଥିବା ପଞ୍ଚମ ବାର୍ଷିକ ବିରାଟ ଧନୁଯାତ୍ରା ମହୋତ୍ସବର ଷଷ୍ଠ ଦିବସରେ ମହାରାଜ କଂସଙ୍କ ଦରବାରରୁ ଅକ୍ରୂର ପ୍ରେରଣ ଓ ଗୋପପୁରରୁ ଶ୍ରୀକୃଷ୍ଣ ବଳରାମଙ୍କୁ ଅଶ୍ରୁଳ ବିଦାୟ ମଞ୍ଚସ୍ଥ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ ନାୟକ, ଓଏଭି ଅଧ୍ୟକ୍ଷ ପୀତାମ୍ବର ବେଶ୍ରା, ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ, ଲଖନା ସରପଞ୍ଚ ସଦାନନ୍ଦ ଦୀପ, ବାଦୁପଲା ସରପଞ୍ଚ ପ୍ରିୟବ୍ରତ ପ୍ରଧାନୀ, ଗୁଡିଘାଟ ସରପଞ୍ଚ ପ୍ରତିନିଧି ଗିରିଧାରୀ ମହାନନ୍ଦ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ବ୍ଲକ ସଭାପତି ରାଜୀବ କୁଅଁର, ଆୟୋଜକ କମିଟି ସଂଯୋଜକ ସୁଧାଂଶୁ ପୋଡ଼ ଯାଦବ, ସମ୍ପାଦକ ପ୍ରେମାନନ୍ଦ ମାଝୀ, ବାବୁଲି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଳାହାଣ୍ଡିର ବିଶିଷ୍ଟ ୟୁଟ୍ୟୁବର ତଥା ଅଭିନେତା ଚନ୍ଦନ ଶତପଥୀଙ୍କୁ କମିଟି ପକ୍ଷରୁ ସ୍ୱତନ୍ତ୍ର ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବାହାକ କୈଳାସ ଦଣ୍ଡସେନା, ଶଙ୍କର୍ଷଣ କର୍ମୀ ଓ ଖଗେଶ୍ୱର ମାଝୀ ତଥା ପ୍ରତିଷ୍ଠାତା ରମେଶ ନାଗ, ଦୁଲଦୁଲି କଳାକାର ମହେଶ୍ୱର ଜାଲ ଓ କୋଶଲି କବି ମଧୁସୁଦନ ନାଗଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ନେପାଳ ସାହୁ ମାନପତ୍ର ପଠନ କରିଥିଲେ। ଲାଠୋରର ବିଶିଷ୍ଟ କଳାକାର ଆର୍ତ୍ତତ୍ରାଣ ସୁନାନୀ କଂସ ଭୂମିକାରେ ଓ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। କମିଟିର ନାରାୟଣ ସାହୁ, ରାମକୃଷ୍ଣ ଆଡ଼ ଯୁଆଡ଼ ବିଶ୍ୱବିହାରୀ ଯୋଶୀ, ସୁଦାମ ସାହୁ, ସାଧାରଣ ସମ୍ପାଦକ ତରୁଣ ପୋଡ଼, ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ଶ୍ୟାମସୁନ୍ଦର ଝାଙ୍କର, ଦିବ୍ୟସୁନ୍ଦର ସାହୁ, ସଂପାଦକ ଭରତ ଦାସ, ପ୍ରେମାନନ୍ଦ ମାଝୀ, ସୁଜିତ ରଞ୍ଜନ ପାଢ଼ୀ, ଅଭିଳାଷ ବଘାର, କୋଷାଧ୍ୟକ୍ଷ ରମାରଞ୍ଜନ ପାତ୍ର, ପଦ୍ମଲୋଚନ ସାହୁ, ସାଂସ୍କୃତିକ ସମ୍ପାଦକ ପ୍ରମୁଖ ସୁଦର୍ଶନ ଦୀପ, ଖଗେଶ୍ୱର ସାହୁ, ବୈରାଷ୍ଟ୍ର ପୋଢ଼, ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ, ବାବୁଲାଲ କେତକୀ, ଯାଞ୍ଚ ଅଧିକାରୀ ଅନୀଲ କୁମାର ଶର୍ମା, ଉପଦେଷ୍ଟା ଚିନ୍ତାମଣି ମହାରଣା, ମଧୁସୂଦନ ନାଗ, କୁନ୍ତ ପୋଢ଼, ବାବୁଲି ରାଉତଙ୍କ, ସହଆୟୋଜକ କମିଟିର ସମସ୍ତ କର୍ମକର୍ତ୍ତା ଏଥିରେ ସଂପୂର୍ଣ୍ଣ ସହଯୋଗ କରୁଛନ୍ତି।




# ଲାନ୍ଥ ନଦୀ କୂଳରୁ ଉଦ୍ଧାର ଯୁବତୀଙ୍କ ମୃତ୍ୟୁ



**ବଲାଙ୍ଗିର, ୩।୧(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ତୁଷ୍ଟାପାଲି ଗାଁରେ ଥିବା ଲାନ୍ଥ ନଦୀ ନିକଟରୁ ଜଣେ ଯୁବତୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ ଜଣକ ତୁଷ୍ଟାପାଲି ଗାଁର ନଳିନୀ ଛତ୍ରିଆ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଗତ ମଙ୍ଗଳବାର ଲାନ୍ଥନଦୀ ନିକଟକୁ ଶୌଚହେବା ପାଇଁ ଯାଇଥିବା କିଛି ଯୁବତୀ ଏକ ବୁଦାମୂଳରେ ନଳିନୀ ପଡ଼ିଥିବା ଦେଖିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସଇଁତଲା ଡାକ୍ତରଖାନା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାହିଁକି ଓ କେମିତି ନଳିନୀ ଛତ୍ରିଆଙ୍କ ମୃତ୍ୟୁ ଘଟିଲା ତାହା ପରିବାର ଲୋକେ ସ୍ପଷ୍ଟ କରିପାରିନାହାନ୍ତି।

# ଦେଓଗାଁ ନୂତନ ଥାନା କୋଠା ଉଦ୍‌ଘାଟିତ



**ଦେଓଗାଁ, ୩।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ନୂତନ ଥାନା କୋଠା ବୁଧବାର ଉଦଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକତେଲ ପ୍ରକଳ୍ପ ଉଦଘାଟନ ପାଇଁ ଆସିଥିବାବେଳେ ଏହି ଅବସରରେ ନୂତନ ଭାବେ ତିଆରି ହୋଇଥିବା ଥାନାର କୋଠା ଉଦଘାଟନ କରିଛନ୍ତି। ଦେଓଗାଁ ଥାନାଧିକାରୀ ତାରାବତୀ ପଧାନ ଓ ସମସ୍ତ କର୍ମଚାରୀ ଏବଂ ଅଞ୍ଚଳର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଉଦଘାଟନ ପରେ ଅଫିସ କୋଠାକୁ ପ୍ରବେଶ କରିଥିଲେ। ଏହି ଥାନା ଅଧୀନରେ ୧୧୬ଟି ଗାଁ ରହିଛି। ବର୍ତ୍ତମାନ ଥାନା ମୁତାବକ କନେଷ୍ଟେବଲ ୧୮ ଜଣ ମଧ୍ୟରୁ ୮ ଜଣ, ହୋମଗାର୍ଡ ୨୨ ଜଣରୁ ୧୩ ଜଣ କର୍ମଚାରୀ ଅଛନ୍ତି। ଥାନା ଷ୍ଟାଫ ପୂରଣ ଦିଗରେ ବିଭାଗ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ଦିଗରେ ଏସପି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ଚାନ୍ଦିଲୀ ପାହାଡ଼ ମହୋତ୍ସବ ଉଦ୍‌ଯାପିତ

**ଦେଓଗାଁ, ୩।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ଚାନ୍ଦଲି ପାହାଡ ଠାରେ ଚାନ୍ଦଲୀ ପାହାଡ ମହୋତ୍ସବର ଉଦଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ବନମାଳୀ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ଯଶୋଦା ମେହେର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସ୍ୱୟମ୍ବର ମେହେର, କମିଟିର ପୂର୍ବତନ ସଭାପତି ନୀଳମଣି ପାଣିଗ୍ରାହୀ, ଦିନବନ୍ଧୁ ମେହେର ପ୍ରମୁଖ ଚାରିଦିନ ଧରି ଚାଲିଥିବା ମହୋତ୍ସବଟି ସଫଳ ହୋଇଥିବା ମତବ୍ୟକ୍ତ କରିଥିଲେ। ଅଞ୍ଚଳର ବିକାଶ ଆଗକୁ ବଢ଼ିବାରେ ସହାୟକ ହୋଇଥିବାରୁ ଆଗକୁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ମହୋତ୍ସବ କମିଟି ସଦସ୍ୟ ପିଙ୍କୁ ଷଡଙ୍ଗୀ, ରବୀନ୍ଦ୍ର ସାଏ, ରଘୁମଣି ରଣା, ଇନ୍ଦ୍ରଜିତ ରାଉତ, ବିଦ୍ୟାଧର ନାଏକ, ରିଙ୍କୁ ଷଡଙ୍ଗୀ, ରାଜେନ୍ଦ୍ର ସାଏ, ରବୀନ୍ଦ୍ର ସାଏ, ଜୁଲୁ ଷଡଙ୍ଗୀ, ଡଗର ନାଏକ, ପ୍ରଫୁଲ୍ଲ ମେହେର, ବିରଞ୍ଚି ଷଡଙ୍ଗୀ, ବିପିନ ରଣା, ପ୍ରମୋଦ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ବହୁବିଧ ଯୋଜନା ସମ୍ବନ୍ଧୀୟ ସଚେତନତା

**ଲାଞ୍ଜିଗଡ଼, ୩।୧(ସମିସ):** ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟର ମହାଅଭିଯାନ ତଥା ବହୁବିଧ ଯୋଜନା ସମ୍ବନ୍ଧୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଏ ଆଇଟିଡିଏ, ଲାଞ୍ଜିଗଡ଼ ବ୍ଲକ ଓ ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା ଏହି ମହାଅଭିଯାନର ଶୁଭାରମ୍ଭ କରାଯାଇଛି। ପ୍ରଧାନ ମନ୍ତ୍ରୀ ଜନମନ ଯୋଜନାରେ ସମସ୍ତଙ୍କୁ ପକ୍କା ଘର, ପ୍ରତ୍ୟେକ ଘରକୁ ନଳପାଣି, ଗାଁ ଗାଁ କୁ ରାସ୍ତା, ପ୍ରତ୍ୟେକ ଘରକୁ ବିଜୁଳି, ସମସ୍ତଙ୍କୁ ଶିକ୍ଷା ଉତ୍ତମ ଶିକ୍ଷା, ଧନ୍ଦା ମୂଳକ ଶିକ୍ଷା ପାଇଁ ସୁଯୋଗ, ସମସ୍ତଙ୍କୁ ସ୍ୱାସ୍ଥ୍ୟ ସୁବିଧା, ସମସ୍ତଙ୍କୁ ପୋଷଣ, ଉନ୍ନତ ଜୀବନ ଧାରା, ଦୂର ଦୂରାନ୍ତର ଗାଁକୁ ଟେଲିକମ୍ ଯୋଗାଯୋଗ ଭଳି ସୁବିଧା ଯୋଗାଇ ଦିଆଯିବ। ଏହି ମହାଅଭିଯାନ ଲାଞ୍ଜିଗଡ଼ ବ୍ଲକର ୨୬ ଗୋଟି ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବା ବେଳେ ଆଜି ଲାଞ୍ଜିଗଡ଼ ଓ ଛତ୍ରପୁର ପଞ୍ଚାୟତରେ ଏହାର ଶୁଭାରମ୍ଭ ହୋଇଛି। ଏଥିରେ ବ୍ଲକ ଜନଜାତି ସମ୍ପ୍ରଦାୟର ଲୋକେ ଏହି ସବୁ ଉନ୍ନୟନ ମୂଳକ ଯୋଜନାରେ ସହଜରେ ହୋଇ ପାରିବେ।ବ୍ଲକର ୨୬ ଗୋଟି ପଞ୍ଚାୟତର ୨୭୬ ଗୋଟି ଆଦିବାସୀ ଗାଁର ୭ ହଜାରରୁ ଉଜାର ଆଦିବାସୀ ପରିବାର ଏହି ଯୋଜନା ରେ ଉପକୃତ ହୋଇପାରିବେ। ଆଜି ଲାଞ୍ଜିଗଡ଼ ଓ ଛତ୍ରପୁରରେ ଏହାର ଶୁଭାରମ୍ଭ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବିଏସଏସଓ ଅରବିନ୍ଦ ମହାପାତ୍ର, ବ୍ଲକ ଯୋଗାଣ ନିରୀକ୍ଷକ ଦିଲ୍ଲୀପ କୁମାର ନାଏକ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନ, ଲାଞ୍ଜିଗଡ଼ ରାଜସ୍ୱ ନିରୀକ୍ଷକ ଅନିରୁଦ୍ଧ ରାଉତ, ଡାକ୍ତର ନରେନ୍ଦ୍ର ଦାସ, ଲାଞ୍ଜିଗଡ଼ ସେମିତି ସଭ୍ୟା ସୁମତି ମାଝୀ ଉପସ୍ଥିତ ଥିଲେ। ପିଏଆଇଟିଡିଏ, ବ୍ଲକ, କେକେଡିଏ, ତହସିଲ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ଗୃହ ବିଭାଗ, ପାନୀୟ ଜଳ, ବ୍ୟାଙ୍କ ସେବା ପାଇଁ ଲୋକଙ୍କୁ ସଚେତନ କରିବା ସହିତ ଆଜି ଆଦିବାସୀଙ୍କ ଆଧାର କାର୍ଡ ସଂଶୋଧନ, ନୂତନ ଆଧାର କାର୍ଡ, ବ୍ୟାଙ୍କ ପାସବୁକ, ଭୋଟର କାର୍ଡ ଆଦି ନୂତନ ଭାବେ ବନା ଯାଇଥିଲା। ଏଥିରେ ଯୋଗାଣ ସହାୟକ, ଲାଞ୍ଜିଗ? କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଓ ଜନସାହାଯ୍ୟ ସଂସ୍ଥାର କର୍ମଚାରୀ ମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ନୂଆ-ଓ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କଲମପୁର, ୩।୧(ସମିସ) :** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବିଭାଗ ପକ୍ଷରୁ କ୍ରୀଡ଼ା କାର୍ଯ୍ୟ କ୍ଷେତ୍ରରେ ଯୁବବର୍ଗ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଗ୍ରାମାଞ୍ଚଳରେ ଲୁକାୟିତ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ରାଜ୍ୟ ସରକାର ସମସ୍ତ ବ୍ଲକ ମାନଙ୍କରେ ଆୟୋଜନ କରୁଛନ୍ତି। ଏହି କ୍ରମରେ କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ




ତରଫରୁ କଲମପୁର ମିନି ଷ୍ଟାଡିୟମରେ ଗତ ମଙ୍ଗଳବାର ଦିନ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶାର କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଥିଲା। ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉତ୍ସବ ବୁଧବାର ଦିନ ଉଦଯାପିତ ହୋଇଯାଇଛି। କଲମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବର ପ୍ରଥମ ପର୍ଯାୟରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଉପସ୍ଥିତ ରହି କ୍ରୀଡା ପ୍ରତିଯୋଗିତାରେ ବିଜୟୀ ହୋଇ ଥିବା ଦଳକୁ ଟ୍ରଫି, ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଦ୍ୱିତୀୟ ପର୍ଯ୍ୟାୟରେ କ୍ରିକେଟ ଖେଳ ଆୟୋଜନ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ କଲମପୁର ଏବଂ ଟେମରା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଟେମକୁ ହରାଇ କଲମପୁର ଫାଇନାଲକୁ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବିଜମରା ଓ ମାଟିଖାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାଟିଖାଲକୁ ହରାଇ ବିଜମରା ଫାଇନାଲକୁ ପ୍ରବେଶ କରିଥିବା ବେଳେ କଲମପୁର ଏବଂ ବିଜମରା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବିଜମରାକୁ ହରାଇ କଲମପୁର ଦଳ ଚାମ୍ପିୟାନ ହୋଇଥିଲେ। ଫାଇନାଲ ମ୍ୟାଚଟିକୁ କଲମପୁର ଥାନା ଏଏସଆଇ ଶେଖର ଜେନା ଏବଂ ବୁଦ୍ଧିମାନ ଭରାଶଗରିଆ ଅତି ସୁନ୍ଦର ଭାବରେ ପରିଚାଳନା କରିଥିଲେ। ସ୍କୋରର ଭାବରେ ପିଇଓ ଲାଲ ଶବର ଓ ଜିଆରଏସ ପାର୍ଥସାରଥୀ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ରଞ୍ଜନ କୁମାର ସାହୁ, ଶାଶ୍ୱତ ପଣ୍ଡା, ସମୀର ଧଙ୍ଗଡାମାଝୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ହଂସ, ଦୁହିତା ମାଝୀ, ସଦାନନ୍ଦ ଚନ୍ଦନ, ନବୀନ ପଣ୍ଡା, ମନୋଜ ନାଏକ ପ୍ରମୁଖ ମଞ୍ଚାସିନ ରହିଥିଲେ। ଉତ୍ସବ ପରିଚାଳନାରେ ଜିପିଇଓ ଜିତେନ୍ଦ୍ର କୁମାର ଓ ସାମାଜିକ ସୁରକ୍ଷା ଅଧିକାରୀଣି କ୍ଷୀତିଶୁତା ମେହେରଙ୍କ ସହ ବ୍ଲକର ବରିଷ୍ଠ କିରାଣି ବୈକୁଣ୍ଠ ବାଗ, ଏଇ ସ୍ମୃତିରଞ୍ଜନ ସେଠୀ, ବିପିଏମ ରିଯିଆନୁସ ଏକ୍କା, ହୃଷୀକେଶ କୁମାର, କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ରମ, ସନ୍ତୋଷ ବେହେରା ସମସ୍ତ ଏମବିକେ, ସିଆରପି, ମହିଳା ଗୋଷ୍ଠି, ସ୍ତରୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ଫୁଟବଲ ଖେଳରେ ନୂଆଁଗାଁ ରତାଲୁପଡ଼ା ଦଳ ଚାମ୍ପିଅନ ହୋଇଥିବାବେଳେ ଭଲିବଲ୍ ଖେଳରେ ଦୋଲକିବନ୍ଧ, ଖୋଖୋ ଖେଳରେ କଲମପୁର, ପ୍ରଥମ, ଦ୍ୱିତୀୟ, ତୃତୀୟ ବିଜେତା ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ



**ଖପ୍ରାଖୋଲ, ୩।୧ (ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲର ହରିଶଙ୍କର ଛକ ନିକଟରେ ବଜରଙ୍ଗବଳୀ ଟ୍ରଷ୍ଟ ତରଫରୁ ବୁଧବାର ହନୁମାନ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପୂଜା କର୍ତ୍ତା ଭାବରେ ଉପେନ୍ଦ୍ର ଭୋଇ ସପତ୍ନୀକ ଥିବାବେଳେ ପୂଜକ ସହଦେବ ମିଶ୍ର ପୌରହିତ୍ୟ କରିଥିଲେ। ଟ୍ରଷ୍ଟ ତରଫରୁ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବଜରଙ୍ଗବଳୀ ଟ୍ରଷ୍ଟ ତରଫରୁ ହରିଶଙ୍କର ଛକଠାରେ ପୂର୍ବରୁ ମନ୍ଦିର ତୋଳିବା ସହ ହନୁମାନଙ୍କ ବିଗ୍ରହ ସ୍ଥାପନା କରାଯାଇ ମନ୍ଦିରର କୁମ୍ଭ ସ୍ଥାପନା କରାଯାଇଛି। ଆଗାମୀ ୨୨ ତାରିଖ ଏକ ଧାର୍ମିକ ପରିବେଶରେ ମନ୍ଦିର ପ୍ରତିଷ୍ଠା ସହ ହନୁମାନଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା କରାଯିବ ବୋଲି ଟ୍ରଷ୍ଟ ତରଫରୁ ସୂଚନା ମିଳିଛି।

# କଳାହାଣ୍ଡିରେ ତମାଖୁ ନିୟନ୍ତ୍ରଣ କର୍ମଶାଳା

**ଭବାନୀପାଟଣା, ୩।୧ (ସମିସ):** ତମାଖୁ ସେବନ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ଓ ଭାରତରେ ପ୍ରତିବର୍ଷ ତମାଖୁ ବ୍ୟବହାର ଯୋଗୁଁ ୧ ନିୟୁତ ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥାଏ ଯାହା ସମସ୍ତ ମୃତ୍ୟୁହାରର ୯.୫ ପ୍ରତିଶତ। ତମାଖୁ ବ୍ୟବହାର ଜନିତ ସ୍ୱାସ୍ଥ୍ୟହାନିକୁ ରୋକିବା ତଥା ଜନସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି ଓ ଏଥିପାଇଁ ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ କୋଆଲିସନ ଫର ଟବାକୋ ଫ୍ରି ଓଡ଼ିଶା ସହଯୋଗରେ ଏକ ତମାଖୁ ନିୟନ୍ତ୍ରଣ କର୍ମଶାଳା କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମାନ୍ୟବର ସୁଜିତ କୁମାର ଯୋଗ ଦେଇଥିଲେ। ସାଂସଦ ନିଜ ବକ୍ତବ୍ୟରେ କୋଟପା ଆଇନ ର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇଥିଲେ ଓ ଗ୍ଲୋବାଲ ଆଡଲ୍ଟ ତମାଖୁ ସର୍ଭେ ଅନୁଯାଇ ଭାରତୀୟ ମହିଳା ମାନଙ୍କ ମଧ୍ୟରେ ତମାଖୁ ସେବନ ସାଧାରଣ ହୋଇଗଲାଣି। ଏପରିକି ଯେଉଁ ମାନେ ଧୂମପାନ କରୁଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ




ଆସୁଛନ୍ତି ସେମାନଙ୍କୁ ମଧ୍ୟ ଫୁସଫୁସ ଓ କର୍କଟ ଆଦି ରୋଗ ହେବାର ସମ୍ଭାବନା ରହିଛି। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କୋଟପା ଆଇନର ବିଭିନ୍ନ ଦିଗଉପରେ ଆଲୋକପାତ କରିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ର କୁଳପତି ଶ୍ରୀଯୁକ୍ତ ସଞ୍ଜୟ ଶତପଥୀ କହିଥିଲେ ଯେ ସମାଜରେ ତମାଖୁ ନିୟନ୍ତ୍ରଣ ଲାଗି ଯୁବଗୋଷ୍ଠୀ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍?ପୂର୍ଣ୍ଣ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସୁଚେତା ପାଣି ଏବଂ ଏଡିପିଏଚଓ ଡକ୍ଟର ନିହାର ରଞ୍ଜନ ପଣ୍ଡା ତମାଖୁ ବ୍ୟବହାରର ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଆଜିର ସମାଜ ରେ ବିଶେଷକରି ଯୁବତୀ ମାନକ ଉପରେ ତମାଖୁ ର କ୍ଷତିକାରକ ଉପରେ ଆଲୋଚନା କରିଥିଲେ। ତମାଖୁ ନିୟନ୍ତ୍ରଣ ଲାଗି ସାଧାରଣ ଲୋକଙ୍କ ଭୂମିକା ଉପରେ କହିଥିଲେ। ଏହି ତମାଖୁ ନିୟନ୍ତ୍ରଣ କର୍ମଶାଳାରେ ଜନସାଧାରଣଙ୍କୁ ତମାଖୁ ସେବନରୁ ନିବୃତ୍ତ କରିବା ଆବଶ୍ୟକ ଓ ସେଥିପାଇଁ ବ୍ୟାପକ ଜନସଚେତନତା ସହିତ କୋଟପା ଆଇନକୁ ମଜଭୁତ କରିବା ଉଚିତ ବୋଲି ବକ୍ତା ମାନେ ନିଜର ବିଶେଷ ମତପୋଷଣ କରିଥିଲେ। ଏହି ସଭାରେ ପ୍ରାୟ ଏକ ହଜାର ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କର୍ମଶାଳାଟି କଳିଙ୍ଗ କୁସୁମ ଫାଉଣ୍ଡେସନର ସହଯୋଗରେ ଅନୁଷ୍ଠିତ ହୋଇଥିଲା। ପିକକ୍ର ପ୍ରକଳ୍ପ ସଂଯୋଜକ ସତ୍ୟଶିବ ରଥ କର୍ମଶାଳା ସମ୍ପର୍କରେ ସୂଚନା ରଖିଥିଲେ ଓ ଧନ୍ୟବାଦ ଦେଇଥିଲେ।

# ବେଆଇନ ମଦ କାରବାର; ଯୁବକ ଗିରଫ

**ବଙ୍ଗୋମୁଣ୍ଡା, ୩।୧(ସମିସ):** ବେଆଇନ ମଦ କାରବାର ଅଭିଯୋଗରେ ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଫୁଗୁଡାର ଜଣେ ଯୁବକକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣକ ଫୁଗୁଡା ଗ୍ରାମର ଧନଞ୍ଜୟ ବାଗ। ଫୁଗୁଡା ଗ୍ରାମରେ ବହୁଦିନରୁ ମଦ ବିକ୍ରି କରୁଥିବାର ଅଭିଯୋଗ ଫୁଗୁଡା ଅଞ୍ଚଳର ୫ରୁ ଅଧିକ ଏସଏସଜି ଗ୍ରୁପର ମହିଳା କରିଆସୁଥିଲେ। ଫୁଗୁଡା ଗ୍ରାମରେ ଅନ୍ୟ ମଦ ବେପାରୀମାନେ ଅଭିଯୋଗ ପାଇବନ୍ଦ କରିଥିବା ବେଳେ ଧନଞ୍ଜୟ ମଦ ବିକ୍ରି ଚାଲୁ ରଖିଥିଲା। ପୁଣି ମହିଳା ମାନେ ଥାନାରେ ଲିଖିତ ଦେଇଥିଲେ। ଅଭିଯୋଗ ପାଇ ବଙ୍ଗୋମୁଣ୍ଡା ପୁଲିସ ଯୁବକକୁ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠେଇ ଦେଇଛି।

# ସାବିତ୍ରୀବାଈ ଫୁଲେ ଜୟନ୍ତୀ ଓ ଶିକ୍ଷକ ଦିବସ ପାଳିତ

**ବଲାଙ୍ଗିର, ୩।୧(ସମିସ):** ୩ ଜାନୁୟାରୀ ଜ୍ଞାନଜ୍ୟୋତି ମାତା ସାବିତ୍ରୀ ବାଈ ଫୁଲେ ଜନ୍ମଦିନକୁ ଜ୍ଞାନଜ୍ୟୋତି ମାତା ସାବିତ୍ରୀ ବାଈ ମହାସଂଘ ବଲାଙ୍ଗିର ତରଫରୁ ଶିକ୍ଷକ ଦିବସ ରୂପେ ଜିଲ୍ଲା ଯାଦବ ଭବନରେ ପାଳନ କରାଯାଇଛି। ସଂଘର ପ୍ରତିଷ୍ଠାତା ଧୃମତି ରୁପାଲୀ ମହାନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ବଲାଙ୍ଗିର ବ୍ଲକ ଉପଶିକ୍ଷା ଅଧିକାରୀ କୈଳାସ କୁମ୍ଭାର ଓ ସଂଘ ସଭାନେତ୍ରୀ କୌଶଲ୍ୟା କୁମ୍ଭାର, ବାସୁଦେବ ମୁଗ୍ରୀ, ରଘୁନାଥ ମୁଗ୍ରୀ, ରୁକ୍ମଣୀ ନାଗ, ମମତା ଦୀପ ମଞ୍ଚାସୀନ ଥିଲେ। ଜୟନ୍ତୀ ଉତ୍ସବରେ ଧୃମତି ରୁପାଳୀ ମହାନନ୍ଦ, ମାତା ସାବିତ୍ରୀ ବାଈ ଫୁଲେଙ୍କ ଶିକ୍ଷା କ୍ଷେତ୍ରରେ ଅବଦାନ ଉପରେ ବିଶେଷ ଭାବରେ ବର୍ଣ୍ଣନା କରିଥିଲେ। ସାବିତ୍ରୀ ବାଈ ଆଧୁନିକ ଭାରତରେ ପ୍ରଥମ ମହିଳା ଶିକ୍ଷୟିତ୍ରୀ ଥିଲେ। ପୁରୁଷ ମାନସିକତା ସମାଜରେ ମାତା ସାବିତ୍ରୀ ବାଈ ଜଣେ ଉଦାହରଣ ଯେ କି ନାରୀ ଶିକ୍ଷା ପ୍ରତି ବିଶେଷ ଧ୍ୟାନ ଦେଇଥିଲେ। ସାବିତ୍ରୀ ବାଈ ଫୁଲେଙ୍କ ପଥ ଅନୁସରଣ କରି ନାରୀ ସଚେତନତାକୁ ଆଗକୁ ବଢେଇବା ପାଇଁ ବକ୍ତାମାନେ ମତ ରଖିଥିଲେ। ମନୋରମା ଦେବୀ ସଭା ପରିଚାଳନା କରିଥିଲେ।




# ନିଶାମଣି ଭୋଇ ସ୍ମାରକୀ ଫୁଟ୍‌ବଲ: ଖଲିଆଖମାର ଚାମ୍ପିଅନ

ମୁରିବାହାଲ, ୩।୧ (ସମିସ)

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଦେବଙ୍ଗ ମିନି ଷ୍ଟାଡିୟମରେ ଚାଲିଥିବା ୧୨ତମ ନିଶାମଣି ଭୋଇ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ମୋଟ ୧୬ଟି ଦଳ ମଧ୍ୟରୁ ଘୁଷୁରାମୁଣ୍ଡା ଓ ଖଲିଆଖମାର ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚରେ ଟ୍ରାଇବେକର ଜରିଆରେ ଘୁଷୁରାମୁଣ୍ଡା ଦଳକୁ ପରାସ୍ତ କରି ଖାଲିଆଖମାର ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ସମ୍ମାନିତ ଅତିଥି ଭାବେ ମୁରିବାହାଲ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ନାରାୟଣ ମିଶ୍ର, ସୁପରସ୍ପେସାଲିଟି ହସ୍ପିଟାଲ ଡା. ଅମଜଦ୍ ଖାଁ, ପତ୍ରାପାଲି ପଞ୍ଚାୟତ ସମିତିସଭ୍ୟ ସନ୍ୟାସୀ ପୁଟେଲ, ଜିଲ୍ଲା ବିଜେଡି ଯୁବ ସମ୍ପାଦକ ଦେବରାଜ ଯାଦବ, ରାଜ୍ୟସଭା ସାଂସଦଙ୍କୁ ମୁରିବାହାଲ ବ୍ଲକ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ସମ୍ପାଦକ ହୁଲେଶ୍ୱର ହଂସ, ମୁରିବାହାଲ ବ୍ଲକର ବରିଷ୍ଠ ସାମ୍ବାଦିକ ଦୁର୍ଗାନନ୍ଦ ମାହାକୁର, କେଦାର ବଡ଼ଜେନା, ଶଙ୍କରପ୍ରସାଦ ମାଝୀ, ପିତାମ୍ବର ମେହେର ପ୍ରମୁଖ ଅତିଥି ଭାବେ




ଯୋଗଦାନ କରିଥିଲେ। ଖେଳପଡ଼ିଆର ବିକାଶ କରିବା ପାଇଁ ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ବିଜେତା ଓ ଉପବିଜେତା ଦଳ ସହ ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟ ରାଜୁ ମାଝୀ, ବେଷ୍ଟ ଗୋଲକିପର ସୌମ୍ୟ, ବେଷ୍ଟ ସ୍କୋରର୍ ଉତ୍ତମ ମାଝୀ, ବେଷ୍ଟ ଡିଫେନ୍ସ ବିଜୁଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ରେଫରି ବିବସ୍ୱ ମାଝୀ, ଲାଇନମ୍ୟାନ ନବୀନ ସରାଫ, ନିତେଶ ମାଝୀ। ଡୋଳାମଣି ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟିର ମୁଖ୍ୟ ନେତ୍ରମଣି ଭୋଇ ଥିବାବେଳେ ସଭାପତି ରାଜେନ୍ଦ୍ର ଭୋଇ, ଟିମ୍ ମ୍ୟାନେଜର ବିଶ୍ୱନାଥ ସାହୁ, ଗଣାଧିପ ଦାସ, ଜିତେନ ବାଗ, ଲିଙ୍ଗରାଜ ଭୋଇ, ଢୁଲାମଣି ଦାସ, ଅଶୋକ ଦୀପ, ଅମିତ ମହମ୍ମଦ, ଜନ୍ମେଜୟ ଭୋଇଶ୍ରୁ, ଶୁଭ୍ରାଂଶୁ ଭୋଇ, ମୋହନ ନେଉରା, ବୀରେନ୍ଦ୍ର ଖଟୁଆ, ରାଜେଶ ପୁଟେଲ, ଲୋକେଶର ପୁଟେଲ, ଚୁଡାମଣି ଭୋଇ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## 'ଋ-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ

# ଦୁଇ ନିର୍ବାଚନମଣ୍ଡଳୀ ପାଇଁ ୫୨୭ କୋଟି ଟଙ୍କା ମଞ୍ଜୁର



**ସୁନ୍ଦରଗଡ଼,୩।୧(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦୁଇଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସି ବୁଧବାର ଏଠାରେ ପହଞ୍ଚିଛନ୍ତି। ଏହି ଅବସରରେ ସେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ଜନସାଧାରଣଙ୍କ ସହିତ ଆଲୋଚନା କରିଛନ୍ତି। ପାଣ୍ଡିଆନ ସେମିନା, ରିଉଘାଟ, ଖଇରିଡିହି ଏବଂ ସାତାରାଠାରେ ମେଗା ଉଠା ଜଳସେଚନ ପ୍ରକଳ୍ପ ସହ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ, ଜଳ ସଂରକ୍ଷଣ, ଗୁରୁତ୍ୱପୂର୍ଣ୍ଣ ସେତୁ ଆଦି ପ୍ରକଳ୍ପର ସମୀକ୍ଷା କରିଥିଲେ। ଗତ ବର୍ଷ ମାର୍ଚ୍ଚରେ ତାଙ୍କ ସୁନ୍ଦରଗଡ଼ ଗସ୍ତ ପରେ କିଛି ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ସାରିଛି। ସେତେବେଳେ

### ● ସୁନ୍ଦରଗଡ଼ରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ

ସେ ବିଭିନ୍ନ ସ୍ଥାନରେ ଅଭିଯୋଗ ସଭାଗୁଡ଼ିକରେ ଯୋଗଦେଇ ଜନସାଧାରଣଙ୍କ ମତାମତ ନେଇଥିଲେ। ଜନସାଧାରଣଙ୍କ ସହ କଥାବାର୍ତ୍ତା କରି ସେ କହିଥିଲେ ଯେ ୨୦୧୯ରେ ଅନ୍ତର୍ଜାତୀୟ ହକି ଫେଡେରେସନ୍ ପୁଣିଥରେ ଓଡ଼ିଶାରେ ୨୦୨୩ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଘୋଷଣା କରିଥିଲା। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ରାଉରକେଲାରେ ଦ୍ୱିତୀୟ ଆୟୋଜନ ସ୍ଥାନ ଉପରେ ଜିଦ୍ ଧରିଥିଲେ ବୋଲି ସେ କହିଛନ୍ତି। ଭୁବନେଶ୍ୱର ରାଜ୍ୟ ରାଜଧାନୀ ହୋଇଥିବାବେଳେ ରାଉରକେଲା ହେଉଛି ଓଡ଼ିଶାର ହକି ରାଜଧାନୀ। ରାଉରକେଲାରେ ହକି ଷ୍ଟାଡିୟମ, ହୋଟେଲ କିମ୍ବା ବିମାନବନ୍ଦର ନ ଥିବାରୁ ଏଫଆଇଏଚ ଚିନ୍ତା ପ୍ରକଟ କରିଥିଲା। ତେବେ ୨୨୫ ରୁମ୍ ଆକମୋଡେସନ୍ ଏବଂ ବିମାନବନ୍ଦର ରେକର୍ଡ ସମୟରେ ନିର୍ମାଣ କରାଯାଇଥିଲା। ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ରେକର୍ଡ ୧୫ ମାସରେ ନିର୍ମିତ ହୋଇଥିଲା ଏବଂ ଏହା ମଧ୍ୟ ବିଶ୍ୱର ସର୍ବବୃହତ ଆସନ ବିଶିଷ୍ଟ ହକି ଷ୍ଟାଡିୟମ ପାଇଁ ଗିନିଜ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ଭାରତୀୟ ହକି ପ୍ରତି ଅବଦାନ ପାଇଁ ଏହା ସୁନ୍ଦରଗଡ଼କୁ ଉପହାର ବୋଲି ମୁଖ୍ୟମନ୍ତ୍ରୀ କହିଥିବା ସେ ପ୍ରକାଶ କରିଥିଲେ।

ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ପ୍ରଥମେ ସେ ସଦର ବ୍ଲକ କିରେଇ ଯାନ୍ତ୍ରିକ ମହାବିଦ୍ୟାଳୟ ଖେଳପଡ଼ିଆରେ ସମବେତ ଜନତାଙ୍କୁ ଗତ ମାର୍ଚ୍ଚ ୧୨ରୁ ଆଜିଯାଏ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ମଞ୍ଜୁର ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩୩୦ କୋଟି ଟଙ୍କା ଏବଂ ତଳସରା ବିଧାନସଭା ନିର୍ବାଚନମଣ୍ଡଳୀରେ ୧୯୭ କୋଟି ଟଙ୍କା ମଞ୍ଜୁର ହୋଇଥିବା କହିଥିଲେ। ଲୋକଙ୍କଠାରୁ ସିଧାସଳଖ ଅଭିଯୋଗ ଗ୍ରହଣ କରି ୧୦ ଦିନ ମଧ୍ୟରେ ଏହାର ସୁଫଳ ପାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ହେଲିକପ୍ଟର ଯୋଗେ ବାଲିଶଙ୍କରା ବ୍ଲକ ରାଜାବଙ୍ଗଳାକୁ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ପୁଣି ସୁନ୍ଦରଗଡ଼ ଫେରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ରାତି ସାଢ଼େ ୮ଟା ଯାଏ ସମୀକ୍ଷା କରିଥିଲେ। ଏଠାରେ ମଧ୍ୟ ସେ ଲୋକଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିଥିଲେ।













## 'ଋ-ଟି' ଅଧ୍ୟକ୍ଷଙ୍କ ବାଲିଶଙ୍କରା ଗସ୍ତ

**ବାଲିଶଙ୍କରା,୩।୧(ସମିସ):** ତଳସରା ନିର୍ବାଚନ ମଣ୍ଡଳୀର ବାଲିଶଙ୍କରା ବ୍ଲକ ବାଲିଶଙ୍କରା ରାଜାବଙ୍ଗଳା ଖେଳପଡ଼ିଆରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ହେଲିକେପ୍ଟର ଯୋଗେ ଆସି ଅପରାହ୍ନ ସାଢ଼େ ୩ଟାରେ ପହଞ୍ଚିଥିଲେ। ପରେ ସଭାସ୍ଥଳକୁ ଯାଇ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସହ ୨୦ ମିନିଟ ଉଦବୋଧନ ଦେଇ କହିଲେ, ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଳସରା ନିର୍ବାଚନ ମଣ୍ଡଳୀକୁ ବହୁତ ଭଲପାଆନ୍ତି। ସେଥିପାଇଁ ଏହି ଅଞ୍ଚଳର ବିକାଶ ପାଇଁ ୧୯୭ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି। ବାଲିଶଙ୍କରା ପଞ୍ଚାୟତ ସମିତି +୨ କଲେଜକୁ ୫୦ ଲକ୍ଷ, କିଞ୍ଜିରକେଲା କଲେଜକୁ ୫୦ ଲକ୍ଷ ସମେତ ୪ ବ୍ଲକର ରାସ୍ତା, ସେତୁ, ମଠମନ୍ଦିର, ଚର୍ଚ୍ଚ, ମସଜିଦ, କମ୍ୟୁନିଟି ସେଣ୍ଟରର ପାଇଁ ମୁଖ୍ୟମନ୍ତ୍ରୀ ଏହି ଟଙ୍କା ପ୍ରଦାନ କରିଥିବା ପ୍ରକାଶ କରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ଆପଣଙ୍କ ସମସ୍ୟା ବୁଝିବା ଓ ତା'ର ସମାଧାନ କରିବା ପାଇଁ ମତେ ପଠାଇଥିବା କହିଥିଲେ। ୫-ଟି ଅଧ୍ୟକ୍ଷ ନିଜେ ଜନସାଧାରଣଙ୍କ ପାଖକୁ ଯାଇ ଦରଖାସ୍ତଗୁଡ଼ିକ ଗ୍ରହଣ କରିଥିଲେ। ୮ ଦିନ ଭିତରେ ସମସ୍ତ ସମସ୍ୟା ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯେଉଁମାନେ ବିଏସ୍କେୱାଇ ସ୍ମାର୍ଟ କାର୍ଡ ପାଇନାହାନ୍ତି ସେମାନଙ୍କ ପାଇଁ ଜାନୁଆରୀ ୬ରୁ ପ୍ରତ୍ୟେକ ପଞ୍ଚାୟତରେ ନବୀନ କାର୍ଡ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅଞ୍ଚଳରେ ଲକ୍ଷ୍ମୀ ଯୋଜନାରେ ବସ ଚାଲିବ। ଏହି ବସ୍‌ରେ ମହିଳା ଓ ଛାତ୍ରଛାତ୍ରୀମାନେ ମାତ୍ର ୫ଟଙ୍କାରେ ଯାତାୟାତ କରିବେ। ଆମ ବ୍ୟାଙ୍କ ଯୋଜନାରେ ପ୍ରତି ପଞ୍ଚାୟତବାସୀ ବ୍ୟାଙ୍କିଙ୍ଗ ସେବା ପାଇପାରିବେ ବୋଲି ପାଣ୍ଡିଆନ କହିଥିଲେ। ଏହି ସମାରୋହରେ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଗ୍ରାମ୍ୟ ଉନ୍ନୟନ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବୈଷୟିକ କମିଟି ସଦସ୍ୟ ବୈକୁଣ୍ଠ ନାଏକ, ପୂର୍ବତନ ବିଧାୟକ ଡ. ପ୍ରଫୁଲ୍ଲ ମାଝୀ, ଜିଲ୍ଲା ବିଜେଡି ଯୁବ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସବଡେଗା ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ବାରୁଆ, ବୈଷ୍ଣବ ମାଝୀ, ଜୟନ୍ତୀ ଏକ୍କା, ଜନନୀ କେର୍କେଟା, ମୁକେଶ ପୁରୋହିତ, ଶିବାଜୀ ନାଏକ, ରଞ୍ଜନ ସିଂ, ଅନନ୍ତ ପଟେଲ, ସୁବ୍ରତ ନାଏକ, ବିସ୍ମୟ ପଟ୍ଟନାୟକ, ଉମେଶ ଶର୍ମା, ସରୋଜ ସାହୁ, କେଶବ ରଣା, ଦେବାଶିଷ ମିଶ୍ର, ପ୍ରଶାନ୍ତ ପୃଷେଟ, ରଞ୍ଜନ ବେସନ, ଅରୁଣ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।



## ବିଶ୍ରା ବଣଭୋଜିସ୍ଥଳରେ ଗୁଳିକାଣ୍ଡ ଓ ଯୁବକଙ୍କ ମୃତ୍ୟୁ ଘଟଣା

# ବଡ଼ଭାଇ ସମେତ ଦୁଇ ଅଭିଯୁକ୍ତ ଜେଲ୍ ଗଲେ







- ଖେଳ ଖେଳରେ ବଡ଼ଭାଇ ଗୁଳିରେ ହୋଇଥିଲା ସାନର ମୃତ୍ୟୁ
- ଦେଶୀ ପିସ୍ତଲ, ମାଗାଜିନ ଓ ୪ ଖୋକା ଜବତ

**ରାଉରକେଲା,୩।୧(ସମିସ):** ନୂଆବର୍ଷର ପ୍ରଥମ ରାତିରେ ଭୋଜି କରୁଥିବା ବେଳେ ଖେଳରେ ଖେଳରେ ବଡ଼ଭାଇ ହାତରେ ଥିବା ବନ୍ଧୁକରୁ ଗୁଳି ଫୁଟି ସାନଭାଇର ମୃତ୍ୟୁ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବିଶ୍ରା ଥାନା ଅନ୍ତର୍ଗତ ତେତେରକେଲା ଗାଁର ବଡ଼ଭାଇ ଉମେଶ ସିଂ (୨୮) ଓ ବନ୍ଧୁକ ରଖିଥିବା ସେହି ଗାଁର ଗୌରାଙ୍ଗ ଗୋପ୍ (୨୭)। କୋର୍ଟରେ ଏମାନଙ୍କୁ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ପଠାଇ ଦିଆଯାଇଛି। ପୁଲିସ ଏହି ଗୁଳିକାଣ୍ଡରେ ବ୍ୟବହୃତ ୭.୬୫ ଏମ୍‌ଏମ୍ ଦେଶୀ ପିସ୍ତଲ, ମାଗାଜିନ୍ ଓ ୪ଟି ଖୋକା ଜବତ କରିଛି।

ଜାନୁଆରୀ ୧ ତାରିଖ ରାତିରେ ରାଉରକେଲାଠାରୁ ୨୦ କିଲୋମିଟର ଦୂର କୋଏଲ ନଦୀର ବିଶ୍ରା ଥାନା ତେତେରକେଲା ଘାଟ ବଣଭୋଜିସ୍ଥଳରେ ଏପରି ଏକ ସ୍ପର୍ଶକାତର ଗୁଳିକାଣ୍ଡ ଘଟିଥିଲା। ଜୋନାଲ ଡିଏସପି ଅନିଲ କୁମାର ପ୍ରଧାନଙ୍କ ସୂଚନା ମୁତାବକ, ନଦୀଘାଟସ୍ଥିତ ଭରତ ମାହାତୋଙ୍କ ବାଲିଘାଟ ଅଫିସ ପରିସରରେ ନୂଆବର୍ଷ ପାଳନ କରିବା ପାଇଁ ତେତେରକେଲା ଗ୍ରାମର ଗୌରାଙ୍ଗ ଗୋପ୍, ଉମେଶ ସିଂହ, ତାଙ୍କ ସାନଭାଇ ସୂର୍ଯ୍ୟ ଓରଫ କ୍ଷୀରଧର ସିଂହଙ୍କ ସମେତ ୫/୬ ଜଣ ଯୁବକ ଭୋଜି କରିଥିଲେ। ପ୍ରଚୁର ମଦ୍ୟପାନ କରିବା ସହ ମାଂସଭାତ ଖାଇବା ପରେ ସମସ୍ତେ ନିଶାରେ ଚୁର୍ ହୋଇଯାଇଥିଲେ। ନିଶାସକ୍ତ ଅବସ୍ଥାରେ ଗୌରାଙ୍ଗ ନିଜ ପାଖରେ ରଖିଥିବା ଏକ ଦେଶୀ ପିସ୍ତଲ ବାହାର 'ହାପି ନ୍ୟୁ ଇୟର' କହି ପ୍ରଥମେ ଉପରକୁ ୨ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। ଏହା ଦେଖି ଉମେଶ ଗୌରାଙ୍ଗଠାରୁ ଉକ୍ତ ପିସ୍ତଲ ଛଡ଼ାଇଆଣି କିପରି ଫୁଟୁଛି ବୋଲି କହି ସେ ମଧ୍ୟ ୨ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। ତେବେ ତାଙ୍କ ହାତ ଥରିଯିବାରୁ ସେଥିରୁ ଗୋଟିଏ ଗୁଳି ସେଠାରେ ଉପସ୍ଥିତ ତାଙ୍କ ସାନଭାଇ କ୍ଷୀରଧର ସିଂ (୨୬)ଙ୍କ ଛାତିରେ ପଶି ପିଠିପଟେ ବାହାରିଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତୁରନ୍ତ କ୍ଷୀରଧରଙ୍କୁ ଆଇଜିଏଚ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପଟେ ଏହି ଘଟଣା ପରେ ପିସ୍ତଲ ରଖିଥିବା ଗୌରାଙ୍ଗ ଗୋପ୍ ପିସ୍ତଲ ସହ ଫେରାର ହୋଇଯାଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ପୁଲିସ ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଛି। ସୋମବାର ରାତିରୁ ପୁଲିସ ଅଭିଯୁକ୍ତ ବଡ଼ଭାଇ ଉମେଶ ସିଂହଙ୍କୁ ଅଟକ ରଖି ପଚରାଉଚୁରା କରୁଥିଲା। ଏହି ଘଟଣାରେ ବିଶ୍ରା ଥାନାରେ ଉମେଶ ନାମରେ ୩୦୨, ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି। ସେହିପରି ବନ୍ଧୁକ ରଖିଥିବା ଗୌରାଙ୍ଗ ଗୋପ୍ ନାମରେ ୨୫/୨୭ ଆର୍ମସ ଆକ୍ଟରେ ମୋକଦ୍ଦମା ରୁଜୁ କରାଯାଇଥିବା ଡିଏସପି ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ ମୃତ କ୍ଷୀରଧର ତେତେରକେଲା ବାଲିଘାଟରେ ଭରତ ମାହାତୋଙ୍କ ପାଖରେ କାମ କରୁଥିଲେ।

- କେନ୍ଦ୍ରର କଳା ଆଇନ ପ୍ରତ୍ୟାହାର ଦାବି

# ପରିବହନ ଶ୍ରମିକଙ୍କ ପ୍ରତିବାଦ, ବିକ୍ଷୋଭ

**ରାଉରକେଲା,୩।୧(ସମିସ):** ନରେନ୍ଦ୍ର ମୋଦି ନେତୃତ୍ୱାଧୀନ କେନ୍ଦ୍ର ବିଜେପି ସରକାର ଭାରତୀୟ ନ୍ୟାୟ ସଂହିତା-୨୦୨୩ ନାମରେ ଭାରତୀୟ ପିଙ୍ଗଳ କୋଡ୍‌କୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ମଟର ଦୁର୍ଘଟଣାଜନିତ ମାମଲାରେ ସମ୍ପୃକ୍ତ ଚାଳକମାନଙ୍କୁ ୨ ବର୍ଷ ଜେଲଦଣ୍ଡ ପରିବର୍ତ୍ତେ ୧୦ ବର୍ଷ ଜେଲ ଦଣ୍ଡ ଓ ୭ ଲକ୍ଷ ଟଙ୍କା ଜରିମାନା ଭଳି ଜଘନ୍ୟ ଆଇନ ପ୍ରଣୟନ କରିଛନ୍ତି। ପୂର୍ବରୁ ଭାରତୀୟ ପିଙ୍ଗଳ କୋଡ୍ ୩୦୪(କ) ଅନୁସାରେ ମଟର ଦୁର୍ଘଟଣାରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଉକ୍ତ ଗାଡ଼ି ଚାଳକଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ ବ୍ୟବସ୍ଥା ଥିଲା। ରାସ୍ତା ଦୁର୍ଘଟଣା ରୋକିବା ଦିଗରେ ସରକାରଙ୍କ ଆନ୍ତରିକତା ନାହିଁ; କେବଳ ଆଇନ ପରିବର୍ତ୍ତନ କରି ଚାଳକଙ୍କୁ ଜେଲ୍ ଓ ଜରିମାନା କଲେ ସମସ୍ୟା ସମାଧାନ ହେବ ନାହିଁ ବୋଲି ଅଲ୍ ଇଣ୍ଡିଆ ରୋଡ ଟ୍ରାନ୍ସପୋର୍ଟ ଫେଡେରେସନ୍ (ସିଟୁ) ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ରାସ୍ତା ତୁଳନାରେ ମଟରଯାନ ସଂଖ୍ୟା ବହୁ ମାତ୍ରାରେ ବୃଦ୍ଧି ପାଇଥିବା ବେଳେ ସରକାର ପରିବହନ ବ୍ୟବସ୍ଥାର ଦୃଢ଼ୀକରଣ ନ କରି, ରାସ୍ତା ସମ୍ପ୍ରସାରଣ ଓ ବିଭିନ୍ନ ଯାନ ଯାତାୟାତ ପାଇଁ ଲେନ ବ୍ୟବସ୍ଥା ନ କରି ମଟର ଯାନ ଚାଳକଙ୍କୁ ଜେଲ୍ ଓ ଜରିମାନା ଭଳି କଳା ଆଇନ୍ କଲେ ଦୁର୍ଘଟଣା ରୋକାଯାଇ ପାରିବ ନାହିଁ। ଦୁର୍ଘଟଣା ରୋକିବା ନାମରେ ଚାଳକମାନଙ୍କୁ ଜେଲରେ ଭର୍ତ୍ତି କରି ସେମାନଙ୍କ ପରିବାରକୁ ବରବାଦ କରିଦେବାକୁ ସରକାର ଯେଉଁ କଳା ଆଇନ୍ କରିଛନ୍ତି ତାହାକୁ ପ୍ରତ୍ୟାହାର ଦାବିରେ ପରିବହନ ଫେଡେରେସନ୍ ଡାକରାରେ ବୁଧବାର ସୁନ୍ଦରଗଡ଼ ମଟର କର୍ମଚାରୀ ସଂଘ ଓ ରାଉରକେଲା ମିନି ବସ ଆସୋସିଏସନ୍ (ସିଟୁ) ପକ୍ଷରୁ ନୂଆ ବସଷ୍ଟାଣ୍ଡରେ ପରିବହନ ଶ୍ରମିକମାନେ ବିକ୍ଷୋଭ କରିଛନ୍ତି। ଏହି ବିକ୍ଷୋଭରେ ଉଭୟ ୟୁନିୟନର ସାଧାରଣ ସମ୍ପାଦକ ତଥା ସିଟୁ ରାଜ୍ୟ ଉପ ସଭାପତି ବିମାନ ମାଇତି, ଉପ ସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଅକ୍ଷୟ ମହାନ୍ତ, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି, ଅବଦୁଲ ରୋବ୍ ପ୍ରମୁଖ ନେତୃତ୍ୱ ନେଇଥିଲେ।




- ହିନ୍ଦ୍ ମଜଦୁର ସଭାର ଜାତୀୟ ଅଧିବେଶନ

# ରାଉରକେଲା ପ୍ରତିନିଧିମଣ୍ଡଳୀର ନାଗପୁର ଗସ୍ତ




**ରାଉରକେଲା,୩।୧(ସମିସ):** ହିନ୍ଦ୍ ମଜଦୁର ସଭାର ୩୪ତମ ଜାତୀୟ ଅଧିବେଶନ ମହାରାଷ୍ଟ୍ର ନାଗପୁରଠାରେ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ଜାନୁଆରୀ ୫ ତାରିଖ ଉଦଯାପିତ ହେବ। ଏହି ଅଧିବେଶନରେ ହିନ୍ଦ୍ ମଜଦୁର ସଭାର ଦେଶବ୍ୟାପୀ ଅନୁବନ୍ଧିତ ଶ୍ରମ ସଂଗଠନଗୁଡ଼ିକ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଖଟିଖିଆ ମେହନତି ଶ୍ରମିକ, କୃଷକଙ୍କ ବୃତ୍ତିଗତ ସମସ୍ୟା, ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମିକଙ୍କ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ନେଇ ଶ୍ରମ ସଂଗଠନର ଦାୟିତ୍ୱ, ଜାତୀୟ ଅର୍ଥନୀତି ଭଳି ବହୁ ପ୍ରସଙ୍ଗରେ ୩ ଦିନ ଧରି ଆଲୋଚନା ହୋଇ ହିନ୍ଦ୍ ମଜଦୁର ସଭାର ଆଗାମୀ ଦିନର କାର୍ଯ୍ୟଧାରା ନିର୍ଦ୍ଧାରଣ କରାଯିବ। ଏଥିସହ ଆଗାମୀ ୩ ବର୍ଷ ପାଇଁ ଜାତୀୟ କାର୍ଯ୍ୟକାରିଣୀ ପ୍ରତିନିଧିତ୍ୱ ନେଇ ନିର୍ବାଚନ ମାଧ୍ୟମରେ ନିଷ୍ପତ୍ତି ନିଆଯିବ। ଏହି ଅଧିବେଶନରେ ଯୋଗଦେବା ପାଇଁ ରାଉରକେଲା ମଜଦୁର ସଭା ଓ ହିନ୍ଦ୍ ମଜଦୁର ସଭା ସହବନ୍ଧିତ ଶ୍ରମ ସଂଗଠନ ଯଥା-ରାଉରକେଲା ଠିକା ଶ୍ରମିକ ସଭା, ଶିଳ୍ପାଞ୍ଚଳ ମଜଦୁର ସଭା, ଆଇଡିଏଲ ମଜଦୁର ସଭା, ଓଡ଼ିଶା ସିମେଣ୍ଟ ମଜଦୁର ସଂଘ, ଏନ୍‌ଏସପିସିଏଲ ଏମ୍ପ୍ଲଇଜ ଆସୋସିଏସନ୍, ରାଉରକେଲା ଡୋମେଷ୍ଟିକ ୱାର୍କର୍ସ ୟୁନିୟନ, ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର ପ୍ରତିନିଧି ମଣ୍ଡଳୀ ହିନ୍ଦ୍ ମଜଦୁର ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ, ରାଉରକେଲା ମଜଦୁର ସଭା ସଭାପତି ଶଶଧର ନାୟକ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ମଙ୍ଗଳବାର ନାଗପୁର ଯାତ୍ରା କରିଛନ୍ତି। ପ୍ରତିନିଧି ଭାବରେ ଅନ୍ୟ କର୍ମକର୍ତ୍ତା କଳାକାର ସାହୁ, ସିଦ୍ଧେଶ୍ୱର ବଳ, ଖଗେନ୍ଦ୍ର ବେହେରା, ପ୍ରମୋଦ କୁମାର ଦାସ, ଦିଲ୍ଲୀପ କୁମାର ଜେନା, ରମେଶ ଚନ୍ଦ୍ର ମହାନ୍ତି, ସୂର୍ଯ୍ୟ ବାସକେ, ଶ୍ରବଣ କୁମାର ଦଳେଇ, ମହେଶ୍ୱର ଦାସ, ପିଏସ୍ ବାରିକ, ଟିକେଶ୍ୱର ଭୋଇଙ୍କ ସମେତ ମୋଟ ୨୧ ଜଣ ପ୍ରତିନିଧି ଜାତୀୟ ଅଧିବେଶନରେ ଯୋଗଦେବେ ବୋଲି ସୂଚନା ମିଳିଛି।

# ଆର୍‌ଏସ୍‌ପି ପକ୍ଷରୁ ସଫେଇ ଦଳଙ୍କୁ 'ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର

**ରାଉରକେଲା,୩।୧(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସ ନିମନ୍ତେ 'ସ୍ୱଚ୍ଛତା ସ୍ୱାଭିମାନ' ପୁରସ୍କାର ସମାରୋହ ଜାନୁଆରୀ ୨ ତାରିଖ ସିଭିକ୍ ସେଣ୍ଟରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗ ଇଡି ତରୁଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସହର ପ୍ରଶାସନ ଏବଂ ସିଏସଆର ବିଭାଗର ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ, ଟାଉନ୍ ଇଞ୍ଜିନିୟରିଂ ବିଭାଗ ଜିଏମ୍ ଇନ୍-ଚାର୍ଜ ବିକେ ଜୋଜୋ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଇଡି ମିଶ୍ର ନିଜର ବକ୍ତବ୍ୟରେ ସ୍ୱଚ୍ଛତା ସ୍ୱାଭିମାନ ଯୋଜନାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସହରର ସ୍ୱଚ୍ଛତା ସହ ଜଡ଼ିତ ପ୍ରତ୍ୟେକ ଦଳର କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ସ୍ୱଚ୍ଛ ଭାରତ ସୁସ୍ଥ ଭାରତ ମିଶନ ବିଷୟରେ ଉଲ୍ଲେଖ କରି ମିଶ୍ର ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ରଖିବା ପାଇଁ ସମସ୍ତଙ୍କୁ ଏହି ମିଶନରେ ଯୋଗଦେବାକୁ ଅନୁରୋଧ କରିଥିଲେ। ଲୋକସମ୍ପର୍କ ବିଭାଗ ସିନିୟର ଟେକ୍ନିସିଆନ କ୍ୟାପ୍ଟେନ ନିରଞ୍ଜନ ଧଳଙ୍କ ନେତୃତ୍ୱରେ ଗ୍ରୁପ ୧ ପ୍ରଥମ ପୁରସ୍କାର ବିଜେତା ହୋଇ ୩୦ ହଜାର ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ହାସଲ କରିଥିଲା। ସେହିଭଳି ଇସ୍ପାତ ସେଣ୍ଟ୍ରାଲ ମାର୍କେଟର କ୍ୟାପଟେନ ଏସଏସ ସ୍ୱାଇଁଙ୍କ ନେତୃତ୍ୱରେ ଇସ୍ପାତ ସେଣ୍ଟ୍ରାଲ ୱେଲଫେୟାର ୱିଙ୍ଗକୁ ଦ୍ୱିତୀୟ ପୁରସ୍କାର ବିଜେତା ଭାବେ ୨୫ ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ୟାପଟେନ ସୁବୋଧ ଏକ୍କା ଏବଂ ତାଙ୍କ ଦଳ ତୃତୀୟ ପୁରସ୍କାର ବିଜେତା ଭାବେ ୨୦ ହଜାର ଟଙ୍କା ସହ ଟ୍ରଫି ଅର୍ଜନ କରିଥିଲେ। ଅନ୍ୟ ସାତଟି ଦଳକୁ ସେମାନଙ୍କ ସଫେଇ ଅଭିଜ୍ଞତା ସହଭାଗିତା ନିମନ୍ତେ ମଧ୍ୟ ସୁଯୋଗ ଦିଆଯାଇଥିଲା।

ଏହି ଅବସରରେ ନରେନ୍ଦ୍ର ନାଥ ଦାସଙ୍କ ନେତୃତ୍ୱରେ ଛାତ୍ରମାନଙ୍କ ଦ୍ୱାରା 'ସେ ନୋ ଟୁ ପ୍ଲାଷ୍ଟିକ' ନାମକ ଏକ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା। ପରେ ସ୍ୱଚ୍ଛତା ଉପରେ ନୃତ୍ୟ ପରିବେଷଣ କରାଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ ଡେପୁଟି ସିଏମଓ ଡା. ଦୀପା ଲାଭାଙ୍ଗରେ ସ୍ୱାଗତ କରିଥିବା ବେଳେ ସିଆରଏମ ବିଭାଗର ଅନିଲ ମଲ୍ଲିକ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ, ରାଉରକେଲା ଇସ୍ପାତ ସହରାଞ୍ଚଳ ବାସିନ୍ଦାଙ୍କୁ ସେକ୍ଟର ଅଞ୍ଚଳ, ମାର୍କେଟ, ବସ୍ତି ଅଞ୍ଚଳ ଓ ଖୋଲା ଜାଗାଗୁଡ଼ିକରେ କୌଣସି ଅଞ୍ଚଳକୁ ଆପଣାଇ ସଫେଇ ଅଭିଯାନରେ ଅଂଶଗ୍ରହଣ କରି ସ୍ୱଚ୍ଛତା ସ୍ଥାପନ ପାଇଁ ପ୍ରୋତ୍ସାହିତ କରିବା ଆରଏସପିର ସ୍ୱଚ୍ଛତା ସ୍ୱାଭିମାନ ପୁରସ୍କାର ଯୋଜନାର ଲକ୍ଷ୍ୟ ରହିଛି। ଏହି ଯୋଜନା ଅନ୍ତର୍ଗତ ସମ୍ପ୍ରତି ୧୦ଟି ଦଳର ସମୁଦାୟ ୧୨୦ ସଦସ୍ୟ ଏହି ଅଭିଯାନରେ ସାମିଲ ଅଛନ୍ତି।

## ଡାଇରିଆ ସ୍ଥିତି ନିରୀକ୍ଷଣ

# କେନ୍ଦ୍ରୀୟ ଟିମ୍‌ର ଆଉ ୨ ସଦସ୍ୟ ପହଞ୍ଚିଲେ

**ରାଉରକେଲା,୩।୧(ସମିସ):** ରାଉରକେଲାରେ ଗତ ଡିସେମ୍ବର ୧୦ ତାରିଖରୁ ବ୍ୟାପିଥିବା ଡାଇରିଆ ସ୍ଥିତି ଅନୁଧ୍ୟାନ ପାଇଁ ୫ ଜଣିଆ କେନ୍ଦ୍ରୀୟ ଡାକ୍ତର ଏବଂ ବିଶେଷଜ୍ଞ ଦଳ ରାଉରକେଲାରେ ପହଞ୍ଚି ଡେରା ପକାଇଛନ୍ତି। ଦ୍ୱିତୀୟ ଦିନରେ ଏହି ଦଳ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଡା. ଶୁଭଙ୍କର ମହାପାତ୍ରଙ୍କୁ ଭେଟିଥିଲେ। ମହାନଗର ନିଗମ ସମ୍ମିଳନୀ କକ୍ଷରେ ଡାଇରିଆ ସ୍ଥିତିର ସମୀକ୍ଷା କରିଥିଲେ। ପୂର୍ବରୁ ଏହି ଟିମ୍ ରାଉରକେଲା ସରକାରୀ ହସ୍ପିଟାଲ (ଆର୍‌ଜିଏଚ୍) ପରିଦର୍ଶନ କରି ସ୍ଥିତି ସମ୍ପର୍କରେ ବରିଷ୍ଠ ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି। ପରେ ସହରର ବିଭିନ୍ନ ସ୍ଥାନକୁ ଯାଇ ଡାଇରିଆ ବ୍ୟାପିବାର କାରଣ ସମ୍ପର୍କରେ ଅନୁଧ୍ୟାନ କରିବେ। ସୋମବାର ଟିମ୍‌ର ୩ ଜଣ ସଦସ୍ୟ ପହଞ୍ଚିଥିବାବେଳେ ମଙ୍ଗଳବାର ଆଉ ଦୁଇଜଣ ପହଞ୍ଚିବା ପରେ ବିଭିନ୍ନ ସ୍ଥାନରେ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି। ହଇଜା ନିରାକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ସହାୟତା ଯୋଗାଇ ଦେବାକୁ ଏହି ଟିମ୍ ଆସିଥିବା କୁହାଯାଉଛି।

# ଓଡ଼ିଶା ରଣଜୀ ଦଳରେ ଆର୍‌ଏସ୍‌ପି କର୍ମଚାରୀଙ୍କ ପୁଅ

**ରାଉରକେଲା,୩।୧(ସମିସ):** ରଣଜୀ ଟ୍ରଫି ପାଇଁ ୧୫ ଜଣିଆ ଓଡ଼ିଶା ଦଳରେ ସେଲ ପରିବାରର ପ୍ରତିଭାବାନ କ୍ରିକେଟ୍ ତାରକା ଆଶୀର୍ବାଦ ସ୍ୱାଇଁଙ୍କ ଚୟନ ସମଗ୍ର ଇସ୍ପାତ ସହର ପାଇଁ ଖୁସି ଆଣିଦେଇଛି। ନିକଟରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ଏହି ଦଳ ଘୋଷଣା କରାଯାଇଛି।

ଆଶୀର୍ବାଦ ହେଉଛନ୍ତି ଲିଲି ସ୍ୱାଇଁ ଏବଂ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସପ୍ପ ଫେବ୍ରିକେସନ ସପ୍‌ରେ ମାଷ୍ଟର ଟେକ୍ନିସିଆନ ରୂପେ କାର୍ଯ୍ୟରତ ବିକ୍ରମ କୁମାର ସ୍ୱାଇଁଙ୍କ ପୁଅ। ୧୮ ବର୍ଷ ବୟସ୍କ ଏହି ୱିକେଟ୍ କିପର ବ୍ୟାଟର ଗୁଜରାତ ବଡ଼ୋଦରାଠାରେ ଜାନୁଆରୀ ୫ରେ ଖେଳାଯିବାକୁ ଥିବା ବରୋଦା ବିପକ୍ଷ ମ୍ୟାଚରେ ରଣଜୀ ଟ୍ରଫି ପଦାର୍ପଣ କରିବେ। ସିଜନର ପରବର୍ତ୍ତୀ ମ୍ୟାଚରେ ଓଡ଼ିଶା ମଧ୍ୟପ୍ରଦେଶକୁ ଭେଟିବା ଧାର୍ଯ୍ୟ ହୋଇଛି। ଏହି କ୍ରିକେଟ ପ୍ରତିଭା କୁଚବିହାର ଟ୍ରଫିରେ ଚିତ୍ତାକର୍ଷକ ପ୍ରଦର୍ଶନ କରିବା ପରେ ରଣଜୀ ଦଳରେ ସ୍ଥାନ ସୁନିଶ୍ଚିତ କରିପାରିଛନ୍ତି। ସେ ଏହି ଟୁର୍ଣ୍ଣାମେଣ୍ଟରେ ଚଣ୍ଡିଗଡ଼ ବିପକ୍ଷରେ ଅପରାଜିତ ୩୦୨ ରନ ଏବଂ ବିଦର୍ଭ ବିପକ୍ଷରେ ୧୪୭ ରନ୍ ସ୍କୋର କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ଟୁର୍ଣ୍ଣାମେଣ୍ଟରେ ଆଶୀର୍ବାଦ ଓଡ଼ିଶା ଦଳର ଅଧିନାୟକ ଥିଲେ। ୨୦୧୯ରେ ସେ ୧୬ ବର୍ଷରୁ କମ ବିଜୟ ମର୍ଚାଣ୍ଟ ଟ୍ରଫିରେ ଜାତୀୟ ପଦାର୍ପଣ କରିଥିଲେ। ୱିକେଟ୍ କିପର ଭାବରେ ଷ୍ଟମ୍ପ ପଛରେ ଅତି ନିପୁଣ ଥିବା ଆଶୀର୍ବାଦ ପ୍ରାରମ୍ଭିକ ବ୍ୟାଟର ରୂପେ ଖେଳିଆନ୍ତି ଏବଂ ତାଙ୍କ ନିକଟରେ ଦୃଢ଼ ଡିଫେନ୍ସ ପ୍ରତିଭା ମଧ୍ୟ ରହିଛି।




## '୫-ଟି' ଅଧ୍ୟକ୍ଷଙ୍କ ବଣାଇଁ ଗସ୍ତ ଆଜି

# ବିଜେଡି ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

**ବଣାଇଁ,୩।୧(ସମିସ):** ଓଡ଼ିଶା ସରକାରଙ୍କ ୫-ଟି ଅଧ୍ୟକ୍ଷ ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗୁରୁବାର ବଣାଇଁ ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ସ୍ଥାନୀୟ ବାବୁ ନୂଆଗାଁ (ବଇଦପାଲି) ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ହେଲିକପ୍ଟର ଯୋଗେ ପହଞ୍ଚି କାର୍ଯ୍ୟକ୍ରମରେ ଯୋଗଦେବା ସହ ଜନସାଧାରଣଙ୍କ ଆପତ୍ତି, ଅଭିଯୋଗ ଗ୍ରହଣ କରିବେ। ପାଣ୍ଡିଆନଙ୍କ ଏହି ଗସ୍ତ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଦୀର୍ଘ ଚାରିଦିନ ଧରି ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ପୂର୍ବତନ ବଣାଇଁ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଣଜିତ କିସାନ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ ଏବଂ ବଣାଇଁର ବରିଷ୍ଠ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ଦିନରାତି ଏକ କରି ପ୍ରସ୍ତୁତି ଚଳାଇଥିଲେ। ପ୍ରସ୍ତୁତି ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଗତ ଦୁଇଦିନ ହେବ ବଣାଇଁରେ ଉପସ୍ଥିତ ରହି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପାଣ୍ଡିଆନଙ୍କ ଗସ୍ତ ପାଇଁ ବଣାଇଁ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ୧୦ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷଙ୍କ ବସିବା ପାଇଁ ଅସ୍ଥାୟୀ ମଞ୍ଚ ନିର୍ମାଣ କରାଯାଇଛି।



# '୫-ଟି' ଅଧ୍ୟକ୍ଷଙ୍କ ଗସ୍ତ କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟ ଆଜି







**ରାଉରକେଲା,୩।୧(ସମିସ)**

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦୁଇଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସିଛନ୍ତି। ଗସ୍ତର ପ୍ରଥମ ଦିନରେ ବୁଧବାର ସେ ଜିଲ୍ଲାର କିରେଇ ଏବଂ ବାଲିଶଙ୍କରା ଗସ୍ତ କରି ସଦ୍ୟ ସମ୍ପନ୍ନ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ସୂଚନା ଦେବା ସହ ବିଭିନ୍ନ ପ୍ରକଳ୍ପ ବିଷୟରେ ଘୋଷଣା କରିଥିଲେ। ଗୁରୁବାର ୨ୟ ଦିନରେ ସେ ରାଜଗାଙ୍ଗପୁର ବ୍ଲକ ଜାମପାଲି ପଡ଼ିଆରେ ଏକ ବିରାଟ ଜନ ସମାବେଶକୁ ଉଦବୋଧନ ଦେବା କାର୍ଯ୍ୟକ୍ରମ ରହିଛି।

ଗୁରୁବାର ପୂର୍ବାହ୍ନରେ ପାଣ୍ଡିଆନ ସୁନ୍ଦରଗଡ଼ରୁ ହେଲିକପ୍ଟର ଯୋଗେ ଆସି ରାଜଗାଙ୍ଗପୁର ଜାମପାଲି ଷ୍ଟାଡିୟମ୍‌ରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ୧୧ଟା ୮ରେ ପହଞ୍ଚିବେ। ସେଠାରୁ ଜାମପାଲି ଷ୍ଟାଡିୟମ୍‌କୁ ଯାଇ ଜନସଭାକୁ ସମ୍ବୋଧିତ କରିବେ। ସେଠାରେ ତାଙ୍କର ୪୦ ମିନିଟ କାର୍ଯ୍ୟକ୍ରମରେ ପାଣ୍ଡିଆନ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ପରେ ସେ ୧୨ଟା ୧୧ରେ ଜାମପାଲି ଅସ୍ଥାୟୀ ହେଲିପ୍ୟାଡକୁ ଯାଇ ସେଠାରୁ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ବ୍ଲକ ପୁରୁଣାପାଣିଠାରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ସେ ପୁରୁଣାପାଣି ସେଲ ହକିପଡ଼ିଆରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରିବେ। ସେଠାରେ ମଧ୍ୟ ପାଣ୍ଡିଆନ୍ ୪୦ ମିନିଟ ରହି ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଜନସାଧାରଣଙ୍କ ଦାବି ମୁତାବକ ସମ୍ପନ୍ନ କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସୂଚନା ଦେବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ଘୋଷଣା କରିବା କାର୍ଯ୍ୟକ୍ରମ ରହିଛି। ସେଠାରୁ ଅପରାହ୍ନ ୧୨ଟା ୫୩ରେ ହେଲିକପ୍ଟର ଯୋଗେ ବଣାଇଁ ଅଭିମୁଖେ ଯାତ୍ରା କରିବେ। ୧ଟା ୧୩ରେ ସେ ବଣାଇଁ ବିଧାନସଭା ନିର୍ବାଚନମଣ୍ଡଳୀର ବୈଦପାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପହଞ୍ଚିବେ। ୧ଟା ୧୬ରେ ସେ ବାବୁ ନୂଆଗାଁ ପଡ଼ିଆରେ ପହଞ୍ଚି ଜନସଭାକୁ ଉଦବୋଧନ ଦେବେ। ସେଠାରେ ମଧ୍ୟ ୪୦ ମିନିଟ ରହି ଜନସାଧାରଣଙ୍କ ଅଭିଯୋଗ, ସମସ୍ୟା ଶୁଣିବେ। ପରେ ସେଠାରେ କେତେଜଣ ରାଜନେତାଙ୍କ ସହ ଆଲୋଚନା ପରେ ୨ଟା ୨୦ରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି।

୫-ଟି ଅଧ୍ୟକ୍ଷଙ୍କ ଏହି ଗସ୍ତ ପାଇଁ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜଗାଙ୍ଗପୁର ଜାମପାଲି, ପୁରୁଣାପାଣି ସେଲ ହକି ପଡ଼ିଆ ଏବଂ ବଣାଇଁ ବାବୁ ନୂଆଗାଁ ପଡ଼ିଆରେ କାର୍ଯ୍ୟକ୍ରମ ପାଇଁ ଉଭୟ ଦଳୀୟ ନେତା ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସମ୍ପନ୍ନ ହୋଇଛି। ବିଜେଡିର ତୁଙ୍ଗ ନେତାମାନେ ଏହି ୩ ସ୍ଥାନରେ ବୈଠକ କରି ଆସନ୍ତାକାଲି କାର୍ଯ୍ୟକ୍ରମର ରୂପରେଖ ଚୂଡ଼ାନ୍ତ କରିଛନ୍ତି। ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସମେତ ବରିଷ୍ଠ ବିଜେଡି ନେତାମାନେ ଏହି କାର୍ଯ୍ୟର ତଦାରଖ କରୁଛନ୍ତି।

